କବିତା ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର ୨୦୧୯

ଶାରଦୀୟ ସୃଜନ ସମ୍ଭାର

www.hirranmayi.com

କବିତା ବିଶେଷାଙ୍କ
ଶାରଦୀୟ ସୃଜନ ସମ୍ଭାର
ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ହିରଣ୍ମୟୀ - ବିଶେଷାଙ୍କ - "ଶାରଦୀୟ ସୃଜନ ସମ୍ଭାର " - (ଅକ୍ଟୋବର - ୨୦୧୯)

ଏହି ବିଶେଷାଙ୍କକୁ ନିଜ ସୃଜନ ସୃଷ୍ଟିରେ ଅଳଙ୍କୃତ କରିଛନ୍ତି :

ମାତୃ ସ୍ତୁତି
ସୁବାଷ ଚନ୍ଦ୍ର ପଣ୍ଡା

ହେ ମାତ !
ମୁରାରି ପ୍ରସାଦ ପସାଏତ୍

ମମତାମୟୀ ଗୋ ମାଆ
ଡକ୍ଟର କୃତ୍ତିବାସ ନାୟକ

ଏଇ ଶରତେ
ଡକ୍ଟର ସଚ୍ଚିଦାନନ୍ଦ କର

ନାରୀକବି ତାପ୍ତିମୟୀ ପଣ୍ଡା ମିଶ୍ରଙ୍କ
ଦୁଇଟି କବିତା :
ଆସୁଛେ ମାଁ / ଆସ ମାଆ ଦୁର୍ଗେ

ଆସ ମାତେ ଦୁର୍ଗତିନାଶିନୀ
ବାଉରୀବନ୍ଧୁ ଲେଙ୍କା

ପ୍ରଣିପାତ
ପୁଷ୍ପାଞ୍ଜଳି ପଣ୍ଡା

ସିଏ ମା.. ସିଏ ଜନନୀ
ଜୟଶ୍ରୀ ପଟ୍ଟନାୟକ

ଜୟ ମା ଦୁର୍ଗେ
ଅରୁଣ କୁମାର ମହାନ୍ତି

ମା" ଶକ୍ତି ସ୍ୱରୂପିଣୀ
ଅମ୍ବିକା ସ୍ୱାଇଁ

ମା' ଦୁର୍ଗାଙ୍କୁ ସମର୍ପିତ କରିଥିବା
ଦୁଇଟି ଗୀତି କବିତା –
କବି ବିଷ୍ଣୁ ପ୍ରସାଦ ପଟ୍ଟନାୟକ

ଶରତ ଯେବେ ଆସିଲା
ପ୍ରଶାନ୍ତ କୁମାର ନାଥ

ସଂସାର ତିମିରେ ମା' ହିଁ ସାହା
ତ୍ରିଲୋଚନ ପଣ୍ଡା

ଦେବୀ ତବ ଆଗମନେ
ମନୋରମା ମିଶ୍ର

ଦୁର୍ଗତୀ ନାଶିନୀ ମା' ଦୁର୍ଗାଙ୍କ
ଦୁଇଟି ମାତୃ ସ୍ତୁତି -ସୁଷମା ପରିଜା

ଦୁର୍ଗତୀ ନାଶିନୀ ମାଆ
ସୁପ୍ରଭା ସାମଲ

ଦଶଭୂଜା ମାତେ
ପଙ୍କଜିନୀ ଉପାଧ୍ୟାୟ

ଝରିଯାଉ ଦେବୀ କଲ୍ୟାଣ
ଲତିକା ବିଳାସ

ଶରତେ ପାର୍ବଣ
ସୁଦ୍ରମା ପଣ୍ଡା

ମାଆ ଆସୁଛନ୍ତି
ପ୍ରତିଭା ପରିଜା

ମାଆ ମୋ ଭବାନୀ
ତପନ କୁମାର ସ୍ୱାଇଁ

ପାର୍ବଣ ଋତୁ
ଡ଼ ଆଲୋକ କୁମାର ରାୟ

ଦୁର୍ଗା ଦୁର୍ଗତି ନାଶିନୀ
କମଳିନୀ ଦେବୀ

ମାତୃ ଆଗମନେ !!
ବନ୍ଦିତା କର

ଅନ୍ତିମ ଠିକଣା
ରଶ୍ମିତା ଦୀକ୍ଷିତ

ହେ ଦୁର୍ଗେ !!
ବୀଣାପାଣି ରାଏଗୁରୁ

ବିଦାୟର କୋହ
ଅନିତା ପାଣି

ଆଗୋ ମହାମାୟା
କଣ୍ଟୁରୀ ଚରଣ ରାଉତ

ନବରାତ୍ରି
ସସ୍ମିତା ମହାନ୍ତି

ଦେବୀ
ସାବିତ୍ରୀ ପୁରୋହିତ

ମହାମାୟା
ଶକ୍ତିପ୍ରଭା ମିଶ୍ର

ଜାଣିଛ ମା' !!
ପ୍ରଭାସିନୀ ହୋତା

ବାରମ୍ବାର ଆ ମାଁ ଅବତରି
ରମେଶ ଚନ୍ଦ୍ର ପସାଏତ୍

ଦେବୀ
କନକ ଲତା ଦାଶ

ଜୟ ମା ଜନନୀ ଜୟ
ପ୍ରଭାତ କୁମାର ନାୟକ

ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ଟୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

୨୦୧୯

ଓଁ ଶ୍ରୀଶ୍ରୀଶ୍ରୀ ମହାମାୟୈ ଦୁର୍ଗାଦେବ୍ୟୈ ନମଃ

ସର୍ବମଙ୍ଗଳ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧ୍‌କେ
ଶରଣ୍ୟେ ତ୍ର୍ୟମ୍ବକେ ଗୌରି ନାରାୟଣି ! ନମସ୍ତୁତେ ।

ଶରଣାଗତ ଦୀନାର୍ତ୍ତ ପରିତ୍ରାଣ ପରାୟଣେ
ସର୍ବସ୍ୟାର୍ତ୍ତି ହରେ ଦେବି ନାରାୟଣି ! ନମସ୍ତୁତେ ।

ମୋହାନ୍ଧକାରଭରିତେ ହୃଦୟେ ମଦୀୟେ
ମାତଃ ସଦୈବ କୁରୁ ବାସମୁଦାରଭାବେ
ସ୍ଫୀୟାଖ୍‌ଳାବୟବନିର୍ମଳସୁପ୍ରଭାଭିଃ
ଶୀଘ୍ରଂ ବିନାଶୟ ମନୋଗତମନ୍ଧକାରମ୍ ।

। ଓଁ ଦୁର୍ଗାର୍ପଣମସ୍ତୁ ।

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଶୁଚ୍ଛୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ମାତୃ ସ୍ତୁତି

ସୁଭାଷ ଚନ୍ଦ୍ର ପଣ୍ଡା

ଚିଦାନନ୍ଦମୟୀ ,ଚିରନ୍ତନମୟୀ , ଚିରୈଶ୍ୱର୍ଯ୍ୟମୟୀ ,ଚିନ୍ମୟୀ,
ଚରାଚରମୟୀ , ଚିତ୍ ଶକ୍ତିମୟୀ , ଚିରାନନ୍ଦମୟୀ ,ମୃଣ୍ମୟୀ,
ଚିଦାକାଶମୟୀ ,ଚିତରସମୟୀ, ଚିତ୍ତଗର୍ଭମୟୀ,ଶ୍ରୀମୟୀ ,
ସର୍ବସୁଖମୟୀ ,ସଦାନନ୍ଦମୟୀ ,ସର୍ବବିଦ୍ୟାମୟୀ ,ବିସ୍ମୟୀ ।୧।

ଶବ୍ଦବ୍ରହ୍ମମୟୀ ,ଶବ୍ଦାନନ୍ଦମୟୀ ,ଶବ୍ଦାତୀତମୟୀ ,ବାଙ୍ମୟୀ ,
ରସାମୃତମୟୀ , ପ୍ରେମୋନ୍ମତ୍ତମୟୀ ,ସର୍ବଶକ୍ତିମୟୀ ,ରୁଦ୍ରାୟୈ ,
ଭାବୋନ୍ମତ୍ତମୟୀ,ତତ୍ତ୍ୱାତୀତମୟୀ ,ମହାମାୟାମୟୀ ,ମୈତ୍ରେୟୀ
ପୂର୍ଣ୍ଣାନନ୍ଦମୟୀ ,ପୂର୍ଣ୍ଣତତ୍ତ୍ୱମୟୀ ,ମହାଭାବମୟୀ ,ଧୀମହୀ ।୨।

ଭାବାତୀତମୟୀ ,ରସାନନ୍ଦମୟୀ ,ସୁଧାନନ୍ଦମୟୀ, କୃଷ୍ଣାୟୈ ,
ସର୍ବଗୁଣମୟୀ ,ଗୁଣାତୀତମୟୀ ,ପରାପୂରମୟୀ ,ପ୍ରମେୟୀ,
ପ୍ରଜ୍ଞାନନ୍ଦମୟୀ,ପ୍ରେମରତ୍ନମୟୀ, ପ୍ରେମାନନ୍ଦମୟୀ,ସତ୍ୟାୟୈ,
ନିତ୍ୟଲୀଳାମୟୀ ,ନିରଞ୍ଜନମୟୀ ,ପ୍ରେମାଞ୍ଜନମୟୀ ,ତନ୍ମୟୀ ।୩।

ଆତ୍ମାରାମମୟୀ, ଆତ୍ମାନନ୍ଦମୟୀ,ସର୍ବସିଦ୍ଧିମୟୀ, ଶୁଦ୍ଧାୟୈ ,
ସର୍ବଦେବମୟୀ,ସର୍ବବେଦମୟୀ ,ସର୍ବନିଧିମୟୀ,ବିନୟୀ,
ମହାଯୋଗମୟୀ,ମହାରାସମୟୀ,ମହାଭାବମୟୀ,ଶିବାୟୈ,
ଯୋଗୈଶ୍ୱର୍ଯ୍ୟମୟୀ ,ଭୋଗୈଶ୍ୱର୍ଯ୍ୟମୟୀ ,ମାଂ ପାହି - ମାଂ ପାହି ଦୁର୍ଗାୟୈ ।

ଗହଗା,ନରସିଂହପୁର,କେନ୍ଦ୍ରାପଡା ,ଓଡିଶା

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇଷ୍ତାହାର
୨୦୧୯

ହେ ମାତ !

ମୁରାରି ପ୍ରସାଦ ପଶାଏତ୍

ଜୟ ଆଦିମାତ ତ୍ରିଭୁବନେ ଖ୍ୟାତ
ତୁରିତ ତାରୁ ମାଁ ଦୂରିତ ।
ତୋ ପାଦେ ଅର୍ପିତ ଅଗଣିତ ଭକ୍ତ
ନିର୍ଲିପ୍ତ ଭାବେ ପରିତୃପ୍ତ ।
ହେ ମାତ..
ଘେନ ମୋ ଭକ୍ତି ପ୍ରଣିପାତ
ଶରତ ରତ ମାଁ ତୋହରି ସ୍ୱାଗତେ
କରିବୁନି ତା'ରେ ବଞ୍ଚିତ.. ।୧।

ସ୍ୱାଗତ ସ୍ୱାଗତ ହେ ଜଗତମାତ
ସ୍ୱାଗତ ମରତେ ସ୍ୱାଗତ ।
ଶରତ ଆଗତ କରିବାକୁ ଧୌତ
ତୋ ପୂତ ପୟର ନିରତ ।
ହେ ମାତ..
ଅନନ୍ତ କୋଟି ଦଣ୍ଡବତ
ସୁସୁପ୍ତ ଚେତନା ଦୀପ୍ତ କରିବୁ ଗୋ..
ପରିତୃପ୍ତ ହେବ ଜଗତ ..।୨।

ତ୍ରିତାପେ ତାପିତ ଏ ସାରା ଜଗତ
ଘୃଣିତ ଚିନ୍ତାରେ ଚିନ୍ତିତ ।
ଆୟୁଷ ସଂକ୍ଷିପ୍ତ ତଥାପି ଉତ୍କ୍ଷିପ୍ତ
କଳ୍ପିତ ମାୟାରେ ମୋହିତ ।
ହେ ମାତ..
ତୁରିତ ଏ ମାୟା ନିପାତ
ଦେଖ ସମର୍ପିତ ତୋର ସୁତା ସୁତ
ଆରତ ଫେଡ ଜଗତ୍ଧାତା..।୩।

ଦୁର୍ଗା ନାମେ ତୁ ତ ଜଗତେ ବିଖ୍ୟାତ,
ଅଚିନ୍ତ୍ୟ ସ୍ୱରୂପେ ବିଦିତ।
ତାରୁ ତୁ ପତିତ ପାପ ପ୍ରପୀଡ଼ିତ
ନିର୍ଲିପ୍ତ ଭାବରେ ସନ୍ତତ..।
ହେ ମାତ...
ବୈଷ୍ଣବାଗ୍ନିରୁ ତୁହିଁ ଜାତ
ସପନ,ସୁସୁପ୍ତି ଜାଗ୍ରତାବସ୍ଥାରେ
ତୁହିଁ ତ ଏକମାତ୍ର ସତ୍ୟ..।୪।

ତୋ ନବ ନାମେ ତ ନବରାତ୍ର ଖ୍ୟାତ
ବିଜୟା ଦଶମୀ ସହିତ ।
ଦଶରଥ ସୁତ ରାବଣ କୁ ହତ
ତୋ ଆଶିଷେ କରିଥିଲେ ତ ।
ହେ ମାତ..
ମାୟାରେ ନ କର ମୋହିତ
ତୁହିଁ ଆମୃତତ୍ୱ ଗୀତା ଭାଗବତ
ସାଷ୍ଟାଙ୍ଗ ଦଣ୍ଡ ପ୍ରଣିପାତ ..।୫ ।

ତୁ ଅନନ୍ତତତ୍ତ୍ୱ ତ୍ରିଗୁଣ ଅତୀତ
ଆମୃତତ୍ୱ କର ଉଦିତ ।
ଆପେ ଆପଣାକୁ ଚିହ୍ନି ଏ ଜଗତ
ଆମ୍ ଶାନ୍ତି ଲଭୁ ନିଶ୍ଚିତ ।
ହେ ମାତ..
ତୋ ସୁତ ମୁରାରି.. ବିନୀତ
କୁପୁତ୍ର ବୋଲି ତ ଦୁରେଇ ଦେବୁନି
ସତତ କରି ପଦାଘାତ ।
ହେ ମାତ..
ତୋ ସୁତ ମୁରାରି ..ବିନୀତ.. ।୬।

(ଆଚାର୍ଯ୍ୟ)ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର / ବଢେଇମୁଣ୍ଡା,ଝାରସୁଗୁଡା /ମୋ : ୮୬୫୮୨୧୮୮୧୫

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ମମତାମୟୀ ଗୋ ମାଆ

ଡକ୍ଟର କୃତ୍ତିବାସ ନାୟକ

ମମତାମୟୀ ଗୋ ମାଆ କରୁଣାମୟୀ ,
ଦୁଃଖ ଦୂରହୁଏ ସିନା ତୋ ମୁଖଚାହିଁ ।
॥ ଘୋଷା ॥

ଦୁଷ୍ଟ ପାଇଁ କାତ୍ୟାୟିନୀ କାଳିକା ହୋଇ ,
ଧର୍ମ ରକ୍ଷାକରୁ ରଣେ ଚଣ୍ଡୀ ବୋଲାଇ ।
କରୁଣାର ଅବତାର ତୁ ମହାମାୟୀ ।
ମମତାମୟୀ ଗୋ ମାଆ କରୁଣାମୟୀ । (୧)

ଶକତିଦାୟିନୀ ମାତ ଭକତି ଦେଇ ,
ଚରଣେ ଦେବୁ ଶରଣ ଘଣ୍ଟ ଘୋଡ଼େଇ ।
ମୋ ନୟନ ପଥେ ଥିବୁ ତୁ ଦେହ ବହି ।
ମମତାମୟୀ ଗୋ ମାଆ କରୁଣାମୟୀ । (୨)

୦୦୦ ୦୦୦ ୦୦୦ ୦୦୦
ସ୍ପାର୍କ, ମେରୀଲ୍ଯାଣ୍ଡ. ଆମେରିକା ।

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଶୁଭ୍ରୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ଏଇ ଶରତେ

ଡକ୍ଟର ସଚ୍ଚିଦାନନ୍ଦ କର

ଆକାଶ ଦିଶେ କେଡ଼େ ସୁନ୍ଦର
ଦେଖ ତ ଟିକେ ଚାହିଁ
କୁଆଡେ ଗଲା କଳା ବଉଦ
ଆଉ ତ ଦିଶୁ ନାହିଁ
ଋତୁ ବଦଳି ଯାଇ
ବରଷା ପରେ ଶରତ ଏବେ
ଆସିଗଲାରେ ଭାଇ ।।

ଯୁଆଡେ ଦେଖ ପାଣି କାଦୁଅ
ଥିଲା ତ ଗଲା କାଲି
ଆଉ ଲାଗୁନି ସେପରି କିଛି
ସେଦିନ ଗଲା ଚାଲି
ଲାଗୁଛି ଖାଲି ଖାଲି
ଭରା ନଈଟା ଥିଲା ଯେ ଏବେ
ଦିଶୁଛି ତା'ର ବାଲି ।।

ରାତି ଆକାଶେ କେତେ ଯେ ତାରା
ତୋଳି ଆଣିଲେ ମୁଠେ
ବୁଣି ପଡଇ ରୁପା କିରଣ
ଜହ୍ନଟା ଯେବେ ଉଠେ
ଗଙ୍ଗଶିଉଳି ଫୁଟେ
ସଂଜ ପହରୁ ସକାଳ ଯାଏ
ବାସନା ତା'ର ଛୁଟେ ।।

ନଈପଠାରେ କାଶଫୁଲଟି
ନାଚୁଛି ଝୁଲି ଝୁଲି
ହରଗଉରା ଫୁଲଟି ଦେଖ
ହସୁଛି ଫୁଲି ଫୁଲି
ବରଷା ଦୁଃଖ ଭୁଲି
ବଗିଚା ଆଡେ ଆସ ଟିକିଏ
ଆସିବା ଆମେ ବୁଲି ।।

ଏଇ ଶରତେ ଧରାକୁ ଆମ
ଅବତରିବେ ମାଆ
ଫୁଲ ଚାଙ୍ଗୁଡି ହାତରେ ତାଙ୍କୁ
ଅନେଇ ସବୁ ଥାଆ
ଶୁଭ ଗୀତିକା ଗାଆ
ଦେବେ ସେ ଢାଳି ବରଷକକୁ
ଆଶିଷ ନେଇ ଯାଆ ।।

" ନିର୍ମାଲ୍ୟ "
ନୂଆପଡା, ନୟାବଜାର,
କଟକ - ୦୪

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଡୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ନାରୀକବି ତାପ୍ତିମୟୀ ପଣ୍ଡା ମିଶ୍ର ଙ୍କ ଆନ୍ତରିକ ଭକ୍ତିର ନିଦର୍ଶନ ସ୍ୱରୂପ
ଦୁର୍ଗତୀ ନାଶିନୀ ମା ଦୁର୍ଗାଙ୍କୁ ଅର୍ପିତ କରିଥିବା ଦୁଇଟି କବିତା :

ଆସୁଛେ ମାଁ

ଆସ୍ ଲା ଦଶ୍ ରା ବାଜ୍ ଲା ଢୋଲ
ଗାଁ ର୍ ମଝା ଖୁଲି ହେଇଛୁ ଠୋଲ
ମାଆ ଜଗଦମ୍ବା ହେବା ଆବିର୍ଭୁତା
ଚାଲିଯିବା ଆମର୍ ଦୁଖର୍ ବେଲ ।

ସେତ ସରବ୍ ସହନି ମାଁ
ସେତ ମନ୍ଦାର୍ ମାଳିନୀ ମାଁ
ତାର୍ ପାଦ୍ ତଳେ ମୁଡିଆ ମାର୍ ଲେ
ଦୁଖ୍ ହେଇଯିବା ଦୂର
ବାଜୁଛେ ଗା ମାଁ ର୍ ଢୋଲ ।

ଆସଗା ଆସରେ ଗାଏମା ଗୀତ
ସାଙ୍ଗ୍ ସାଥୀ ମୋର୍ ମନର୍ ମୀତ
ମାଆର୍ ପାଦ୍ ତଳେ ରଖ୍ ଜୁଗାର
କଳା ଦହନା ଆର୍ ମନ୍ଦାର୍ ମାଳ
ସେତ ମହିଷା ମର୍ଦ୍ଦିନୀ ମାଁ
ସେତ ଜଗତ ତାରିଣୀ ମାଁ
ତାହାର୍ ପାଦ୍ ତଳେ କୋଟି ଦଇନି
ଦେବା ମାଁ ଭକ୍ତିର୍ ମୂଳ
ବାଜୁଛେ ଗା ମାଁ ର୍ ଢୋଲ ।

ସଜେଇ ରଖ୍ଛେ ପୂଜାର୍ ଥାଳି
ତାର୍ ସାଙ୍ଗେ ଭକ୍ତିର୍ ବଏଠା ଜାଳି
ମନର କବାଟ୍ କେ ଖୁଲି ଟାକିଛେ
ମାଁ ର୍ ବାଟ୍ ଦେଖୁଛେ ଆସ୍ ବା ବଲି
ସେତ କରୁଣା ଦାୟିନୀ ମାଁ
ସେତ ଅଭୟ ଦାୟିନୀ ମାଁ
ମାଆ ବଲି କରି ଡାକି ଦେଲେ ଥରେ
ଓ କହି କର୍ ବା ଗେଲ
ବାଜୁଛେ ଗା ମାଁ ର୍ ଢୋଲ ।

ଭାଏଜିଉତିଆ ଆଇଛେ ବଲି
ବହେନର ମନ ଉସତ୍ ଖାଲି
ଭାଇ ମାନ୍ କର୍ ଆଏଷ ମନାସି
ମାଆର୍ ପାଖେ ସଭେ କର୍ ବେ ଅଳି
ସେତ ମମତାମୟୀ ଗୋ ମାଁ
ସେତ ମଙ୍ଗଳ କାରିଣୀ ମାଁ
ହାତ୍ କେ ଜୁଡି ହୁରୁଦ୍ ନୁ ଡାକ୍ ଲେ
ହେବା ସୁରକ୍ଷାର୍ ଢାଳ
ବାଜୁଛେ ଗା ମାଁ ର୍ ଢୋଲ ।

ଆସ ମାଆ ଦୁର୍ଗେ

ଜଗତ ଜନନୀ ମାଆ ଗୋ ଭବାନୀ
ଦୁର୍ଗତୀ ନାଶିନୀ ଦୁର୍ଗେ
ଖଣ୍ଡା ଖର୍ପର ଧାରିଣୀ ତୁହି ମାଁ ଜନନୀ
ବିଚରଣ କରୁ ସ୍ୱର୍ଗେ ।

ଭବ ଭୟ ଦୂର କର ମା ସତ୍ୱର
ଅଭୟ ଦାୟିନୀ ଆସ
ମହିଷା ମର୍ଦ୍ଦିନୀ ନୃମୁଣ୍ଡ ମାଳିନୀ
ଘୁଞ୍ଚିଯାଉ ଦୁଃଖ କ୍ଳେଶ ।

ଆସିଲା ଆଶ୍ୱିନ କାଶତଣ୍ଡୀ ଫୁଲେ
ସ୍ୱାଗତ ଗୀତିକା ଗାଇ
ମାଆ ଗୋ ଭବାନୀ ଚାଲିଆ ଜନନୀ
ସଭିଙ୍କ ହୃଦୟେ ଛାଇ ।

ବାଜେ ଢୋଲ ତାଳ ମହୀ କମ୍ପମାନ
ଗଗନେ ପବନେ ଶୁଭେ
ପାପ ଭାରା ହେଲା ମହୀରେ ପ୍ରବଳ
ଚାଲିଆସ ମାଆ ଦୁର୍ଗେ ।

ହଳଦୀ ବସନ୍ତ ଆଶ୍ୱିନ ଶରତ
ହାତ ଠାରି ଡାକେ ଖାଲି
ହୃଦୟେ ଭକତି ମନରେ ଶକତି
ଡାକେ ଧରି ଅର୍ଘ୍ୟ ଥାଳୀ
ଆସ ମାଗୋ ଦୁର୍ଗେ ଚାଲି ।

ମେଲଛାମୁଣ୍ଡା , ବରଗଡ

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଶୁଭ୍ରୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ଆସ ମାତେ ଦୁର୍ଗତିନାଶିନୀ

ବାଉରିବନ୍ଧୁ ଲେଙ୍କା

ନବକାଶ, ନବମଲ୍ଲି,
କୁନ୍ଦ ଓ କୁମୁଦ,
ଶେଫାଳି ମାଳତୀ
ବନେ ଶୁଭ୍ର ସପ୍ତଚ୍ଛଦ,
ଶୁଭ୍ର ରଙ୍ଗେ ଶ୍ୱେତବର୍ଣ୍ଣା
ଆଜି ଏ ଧରଣୀ,
ଶାରଦୀୟ ଶୋଭା
ଜନ ମନ ନିଏ କିଣି ॥

ବହେ ମନ୍ଦ ଶୀତଳ ସମୀର
ପୁଲକିତ ସର୍ବ ତନୁମନ,
ମେଘମୁକ୍ତ ନଭେ ଆଜି ହସେ
ଅଶିଣର ତୋଫା ରୂପା ଜହ୍ନ ॥

ସରୋବରେ ମରାଳଙ୍କ
ହଂସଧ୍ୱନି ସ୍ୱନ,
କଳି ପାଶେ ଅଳି କରେ
ମଧୁର ଗୁଞ୍ଜନ,
ପୁରପଲ୍ଲି ସହର ନଗର
ନାନା ରୂପେ ଆଜି ସୁଶୋଭିତ,
ପୂଜାସ୍ଥଳେ ସୁରମ୍ୟ ତୋରଣ
ନାନା ରଙ୍ଗେ ଆଜି ଆଲୋକିତ ॥

ଆସ ମାତେ ଶୈଳପୁତ୍ରୀ
ହେ ବ୍ରହ୍ମଚାରିଣୀ,
ଚନ୍ଦ୍ରଘଣ୍ଟା ହେ କୁଷ୍ମାଣ୍ଡା,
ସ୍କନ୍ଦମାତା ଆହେ ଯଶସ୍ୱିନୀ,
କାଳରାତ୍ରି, କାତ୍ୟାୟନୀ,
ମହାଗୌରୀ ସିଦ୍ଧିପ୍ରଦାୟିନୀ ॥

ଆସ ମାତ ଆସ ଅବତରି
ଏ ଧରା ଧାମରେ
ଦୂର କର ସକଳ ଦୁର୍ଗତି
ଆଗୋ ମାତେ ଦୁର୍ଗତିନାଶିନୀ

ଭୁବନେଶ୍ୱର / ମୋ : ୯୮୫୩୫୩୫୮୪୪

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ପ୍ରଣିପାତ

ପୁଷ୍ପାଞ୍ଜଳି ପଣ୍ଡା

ହେ ମା
ତୁମେ ବ୍ରହ୍ମମୟୀ,
ତୁମେ ଚିଦାନନ୍ଦମୟୀ,
ତୁମେ ଅଯୋନିସମ୍ଭୁତା,ଜଗତ୍ପିତା,
ତୁମେ ଦୁର୍ଗା,ଦୁର୍ଗତି ନାଶିନୀ ଜଗତ୍ଜନନୀ ... ।।

ତୁମେ ବିଷ୍ଣୁ ମୟୀ ବୈଷ୍ଣବୀ,
ତୁମେ ବ୍ରହ୍ମାଣ୍ଡ ପରିବ୍ୟାପ୍ତ ବ୍ରହ୍ମାଣୀ
ତୁମେ ରୁଦ୍ରପ୍ରଭା ରୁଦ୍ରାଣୀ ...।।
ତୁମେ ଶାନ୍ତା ଶାସ୍ୱତା ମାହେଶ୍ୱରୀ
ତୁମେ ସର୍ବେଶା ,ଶ୍ରୀ ପ୍ରାଣେଶ୍ୱରୀ
ତୁମେ ଜନ୍ମ ମୃତ୍ୟୁ ଜରାଜିତା ସିଂହ ବାହିନୀ.....।।

ତୁମେ ଅନନ୍ତା ଆକାଂକ୍ଷା
ତୁମେ ତ୍ରିକାଳ ବର୍ଜିତା
ସୁମାନସା,ମାୟା,ଯୋଗମାୟା
ତୁମେ ବାଗ୍ଦେବୀ ,ଶ୍ରୀଦେବୀ ବରଦାୟିନୀ....।।

ତୁମେ ଆଦିତ୍ୟବଣ୍ଡା ,କୌମାରୀ
ତୁମେ ଶଙ୍କରୀ ,ବୈଶ୍ୱାନରୀ
ତୁମେ ଦାକ୍ଷାୟନୀ ଭବାନୀ
ତୁମେ ଦୁର୍ଗତି ନାଶିନୀ ମା ମହିଷା ମର୍ଦ୍ଦିନୀ....।।

ତୁମେ ଅନନ୍ତସତ୍ତା,ସର୍ବବିଦ୍ୟା, ସର୍ବଭଦ୍ରା
ତୁମେସୃଜନୀ,ପ୍ରଲୟା,ଶାକମ୍ବରୀ
ତୁମେ ଅପ୍ରମେୟା ,ତ୍ରିୟମ୍ବିକା
ତୁମେ ନିର୍ୟନ୍ତା, ରୁଦ୍ରକାଳୀକା
ତୁମେ ରୌଦ୍ରୀ ଅସୁର ବିନାଶିନୀ.....।।

ତୁମେ ଦକ୍ଷା,ଦୀପ୍ତା ,କ୍ଷମା
ତୁମେ ନିରାତଙ୍କା ବିନୟା
ତୁମେ ମନୋମାୟା ,ଯୋଗମାୟା
ତୁମେ ଜଗଦ୍ଧାତ୍ରୀ ଜୟା,
ତୁମେ ଭବ୍ୟା ଭାମିନୀ ଭାବଦାୟିନୀ.....।।

ଶିଶିର ଶରତ ର ଶୁଭ୍ର ଆବାହନୀ
ପ୍ରଣିପାତ ଘେନ ମା ଅସୁର ବିନାଶିନୀ .....।।

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ୍ ଅଫିସର
ଜାଜପୁର

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଶ୍ରୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ସିଏ ମା.. ସିଏ ଜନନୀ

ଜୟଶ୍ରୀ ପଟ୍ଟନାୟକ

ନିରାକାର ବ୍ରହ୍ମ ଯୋଗରେ ସୃଜିଲେ
ଅର୍ଦ୍ଧନାରୀଶ୍ୱର ରୂପ
ଦକ୍ଷିଣେ ପୁରୁଷ ବାମାଙ୍ଗେ ପ୍ରକୃତି
ତ୍ରିଗୁଣାତ୍ମକ ରୂପ ।
ସରସ୍ୱତୀ, ରାଧା, ଲକ୍ଷ୍ମୀ, ସାବିତ୍ରୀ
ଆଦିଶକ୍ତି ମହମାୟା
ସୃଷ୍ଟି, ସ୍ଥିତି ଲୟ ଏ ତିନି ରୂପରେ
ଆବିର୍ଭାବ ତାର କାୟା ।।

ମାହେଶ୍ୱରୀ,ମହାକାଳୀ, ମହାଲକ୍ଷ୍ମୀ
ମହା ସରସ୍ୱତୀ ଦେବୀ
ଏହି ରୂପେ ଚାରି ରୂପରେ ପ୍ରକଟ
ହୋଇଲେ ପ୍ରକୃତି ଦେବୀ ।
ଶକ୍ତି ବିନା ଶିବ ଶବ ଯେ ହୁଅନ୍ତି
ମା ହେଲେ କ୍ରିୟାଶକ୍ତି
ଆସୁରି ଶକ୍ତିକୁ କରିଲେ ଦମନ
ମହାକାଳୀ, ମହାଶକ୍ତି ।।

ଧନ,ରୂପ, ବିଭବ ଅଷ୍ଟ ସୌନ୍ଦର୍ଯ୍ୟରେ
ଦିବ୍ୟରୂପା ଜଗତ୍ମାତା
ସଭିଙ୍କ ଅନ୍ତରୁ ଦୁଃଖ କରି ଦୂର
ହେଲେ ସେ ଲକ୍ଷ୍ମୀ ମାତା ।
କଳା, ସଂଗୀତ, ସାହିତ୍ୟ, ବିଦ୍ୟା
ଦେଲେ ମହା ସରସ୍ୱତୀ
ମାନବକୁ ଦିବ୍ୟଗୁଣରେ ଭରିଲେ
କୃପାକରି ମହାମତି ।।

ସେହି ମା ଅମ୍ବିକା, ସେହି ମା ଗୌରୀ
ଝଙ୍କଡ଼ବାସିନୀ ଶାରଳା
ସେହି ମା ମଙ୍ଗଳା, ସେହି ଘଣ୍ଟେଶ୍ୱରୀ
ବିମଳା, କମଳା, ବଗଳା ।
ସେହି ମା ଜାୟା, ଜନନୀ, ଭଗିନୀ
ସେହି ଅଟେ ପ୍ରଣୟିନୀ
ଭକ୍ତ ଭାବନାରେ ପାଉଥାଏ ପୂଜା
ରୂପ ଧରି ମନ ମୋହିନୀ ।।

ସେହି ଅଗ୍ନିରୂପା ପୁଣି ଶାନ୍ତିରୂପା
ପାପମୋଚନ କାରିଣୀ
ଭକ୍ତିରୂପେ ତାକୁ ପୂଜିଲେ ଅନ୍ତରେ
ଡାକ ଶୁଣଇ କଲ୍ୟାଣି ।
ଭକ୍ତି, ନୈବେଦ୍ୟ ରେ ପୂଜିଲେ ତାହାକୁ
ଦୁଃଖ ଦୂର ହୁଏ ତୋର
ଯେ ରୂପେ ତାକୁ ଡାକେ ଯେଉଁ ଜନ
ଦୁଃଖ ଶୁଣିଥାଏ ତାର ।।

ହସେ କାଶତଣ୍ଡି, ଗଙ୍ଗଶିଉଳି
ଶରତ ଋତୁ ଆସିଲେ
ଆକାଶେ ମେଘ, ଗାଁ ପୋଖରୀରେ
କଇଁ, ପଦ୍ମ ହସୁଥିଲେ ।
ସବୁଜ ସବୁଜ ଭରା ଶସ୍ୟ କ୍ଷେତ୍ର
କାଚକେନ୍ଦୁ ନଈ ପାଣି
କୁଆଁରୀ ଜହ୍ନଟା ମୁରୁକି ହସଇ
କୁଆଁରୀ ମନକୁ ଜାଣି ।।

ଗଙ୍ଗନଗର, ଭୁବନେଶ୍ୱର

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ଜୟ ମା ଦୁର୍ଗେ...

ଅରୁଣ କୁମାର ମହାନ୍ତି

ଜଗତ ଜନନୀ ଅଭୟ ଦାୟିନୀ
ଘେନ ମୋହର ପ୍ରଣତି
ଶକ୍ତି ପ୍ରଦାୟିନୀ ମହିଷା ମର୍ଦ୍ଦିନୀ
କରୁଛି ତୁମ୍ଭ ଆରତୀ,
ମାତା ହେ
କରୁଛି ତୁମ୍ଭ ଆରତୀ...!! । ୧ ।

ଷଡ ରିପୁ ଜିଣି ଆହେ ନାରାୟଣୀ
ଅସତ୍ୟକୁ କଲ ନାଶ
ମଙ୍ଗଳ କାରିଣୀ ବିପଦ ହାରିଣୀ
ଦିଅ ସର୍ବ ମୁଖେ ହସ,
ମାତା ହେ
ଦିଅ ସର୍ବ ମୁଖେ ହସ.....!! ।୨ ।

ରମ୍ୟ କପର୍ଦ୍ଦିନୀ ଗିରିଜା ନନ୍ଦିନୀ
ଜୟ ମା ଦୁର୍ଗେ ଭବାନୀ
ତୁମରି ଦୟାରେ ପଣତ ଛାୟାରେ
ହସି ଉଠୁ ଏ ଅବନୀ,
ମାତା ହେ
ହସି ଉଠୁ ଏ ଅବନୀ....!! । ୩ ।

ଚୈତନ୍ୟ ରୂପିଣୀ ପ୍ରାଣ ସ୍ୱରୂପିଣୀ
ସର୍ବ ଆୟୁଧ ଧାରିଣୀ
ବଢିଗଲେ ପାପ ଦୁଷ୍କର ଉତ୍ପାତ
ସାଜ ସଂହାର କାରିଣୀ,
ମାତା ହେ
ସାଜ (ତୁମେ) ସଂହାର କାରିଣୀ ...!! । ୪ ।

ଦୁଃଖ ହାରିଣୀ ମା ଶାନ୍ତି ପ୍ରଦାୟିନୀ
ଉଲ୍ଲାସ କର ଜୀବନ
ଗାଉ ନିରନ୍ତର ଏ ହୃଦୟ ମୋର
ତୁମରି ନାମ ଭଜନ,
ମାତା ହେ
(ଗାଇବି) ତୁମରି ନାମ ଭଜନ...!! । ୫ ।

ଥିବି ମୁଁ ଲୟରେ ସବୁ ସମୟରେ
ବିରାଜ ମୋ ହୃଦୟରେ
ଜାଗୁ ମୋ ଚେତନା ଏତିକି ପ୍ରାର୍ଥନା
ମାତା ତୁମ୍ଭ ଶ୍ରୀପୟରେ,
ମାତା ହେ
(ବିନତୀ) ତବ ଶ୍ରୀ ପୟରେ...!! । ୬ ।

ଯାଜପୁର
ଦୁରଭାଷ,:-୬୬୧୫୦୮୧୩୦୮

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଶୁଭ୍ରୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ମା'' ଶକ୍ତି ସ୍ୱରୂପିଣୀ

ଅମ୍ବିକା ସ୍ୱାଇଁ

ଶକ୍ତି ସ୍ୱରୂପିଣୀ ଦୁର୍ଗତି ନାଶିନୀ
ମା'' ତ୍ରୈଲୋକ୍ୟ ବାସିନୀ
ହସ ହସ ମୁଖେ ଯୋଗ ମାୟା ତୁମେ
ଆସ ମା ଜଗଜ୍ଜନୀ ।୧।

ସ୍ୱଚ୍ଛ ଶରତ ର ଆବହାନେ ମାଆ
ଆସ ଧରା କୁ ଓହ୍ଲାଇ
ତୁମକୁ ସ୍ୱାଗତ କରିବା ପାଇଁ କି
ଜନେ ରହିଛନ୍ତି ଚାହିଁ ।୨।

ତୁମ ଆସିବାରେ ଅପାର ଆନନ୍ଦ
ସଭିଙ୍କ ମନରେ କେତେ
ଆଶାର ଆଲୋକ ଜ୍ୱାଳି ଦିଅ ତୁମେ
ହସି ଉଠୁ ମହୀ ସତେ ।୩।

ଅଧମ ତୁମରି ଶରଣ ରେ ରହି
କରେ ତୁମକୁ ଗୁହାରି
ହିଂସା ଦ୍ୱେଷ କ୍ରୋଧ ସଂସାର ରୁ ହରି
ଶାନ୍ତି ମୈତ୍ରୀ ଦିଅ ଭରି ।୪।

ଫୁଲର ପାଖୁଡ଼ା ବିଞ୍ଚି ହୋଇଯାଉ
ମହକି ଉଠୁ ଏହି ଧରା
ତବ ଆଶିଷ ରେ ଝରି ପଡୁ ଶାନ୍ତି
ଖୁସି ରେ ରହନ୍ତୁ ସାରା ।୫।

ଅଧର୍ମ ଓ ପାପ ବିଲୋପିତ ହେଉ
ଜାଗି ଉଠୁ ସ୍ନେହ ପ୍ରୀତି
ପରସ୍ପର ବନ୍ଧୁ ସ୍ନେହ ସଦ୍‌ଭାବ
ସୁଖେ ଯାଉ ଦିନ ବିତି ।୬।

ଆସ ଆସ ମା କାଶତଣ୍ଡି ହସେ
ଆଲୋକ ଦିପାଳୀ ଜ୍ୱାଳି
ତୁମ ସ୍ୱାଗତ କୁ ଚାହିଁ ବସିଛନ୍ତି
ସର୍ବ ଜନ ହୋଇ ମେଳି ।୭।

ମା'' ତୁମ ଚରଣେ ପ୍ରଣାମ କରୁଛି
ମଥା ନଇ କୋଟି କୋଟି
କରୁଣାର ବାରି ବରଷିଣ ଦିଅ
ସବୁ ଝଡ଼ ଯାଉ କଟି ।୮।

ଭୁବନେଶ୍ୱର
ମୋ : ୯୭୭୭୫୯୯୭୯୫

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଡୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

କବି ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ଆନ୍ତରିକ ଭକ୍ତିର ନିଦର୍ଶନ ସ୍ୱରୂପ ଦୁର୍ଗତୀ ନାଶିନୀ ମା ଦୁର୍ଗାଙ୍କୁ ସମର୍ପିତ କରିଥିବା ଦୁଇଟି ଗୀତି କବିତା :

ତୁ ମା ଶିବାନୀ ଭବାନୀ ଜଗତ ଜନନୀ
ସଂକଟ ତାରିଣୀ ମାଆ
ତୁ ସେନେହ ଦାୟିନୀ କ୍ଷମା ପ୍ରଦାୟିନୀ
ଜଗତ ଜନର ସାହା । ୦ ।

ତତେ ଆକୁଳେ ବିକଳେ ଜଗତ ସକଳେ
ଡାକୁଛନ୍ତି ମାଆ ମାଆ
ତୋର ପଣତର ତଳେ ବାହୁଛାୟା କୋଳେ
ଖୋଜୁଛନ୍ତି ଟିକେ ରାହା
ତୁ ବିଶ୍ୱ କଲ୍ୟାଣୀ ବିଶ୍ୱ ମୋହିନୀ
ଦିବ୍ୟ ଜନନୀ ମାଆ । ୧ ।

ଏଇ ସଂସାର ଜଂଜାଳେ ବିପଦ ପଡିଲେ
ତୋ ଦୁଆରେ ହେଉ ଠିଆ
ତୁ ଶୁଣୁ କି ନ ଶୁଣୁ ଜୀବନ ବିକଳେ
ନାମ ଜପୁ ମାଆ ମାଆ
ତୁ ପାପ ବିନାଶିନୀ ଅଭୟ ଦାୟିନୀ
ଆନନ୍ଦ ରୂପିଣୀ ମାଆ । ୨ ।

ମାଆ ଜଗତ ଜନନୀ,ଶିବାନୀ ,ଭବାନୀ
କୃପାନୟନରେ ଚାହିଁ
ପାପତାପ କ୍ଷମା କରଗୋ ଜନନୀ
ତୋ ପାଦେ ଆଶ୍ରିତ ମୁହିଁ । ୦ ।

ଏତିକି କରୁଣା କର ମହାମାୟା
ସବୁ ମୋହ ମାୟା ଲୋପ କରମାଆ
ସଂସାର ବନ୍ଧନେ ଛନ୍ଦ ନାହିଁ ଆଉ
ତୁମେ ତ କରୁଣାମୟୀ । ୧ ।

ଆଶ୍ରିତ ଜନର ତୁମେ ସିନା ସାହା
ତୁମବିନା ତାର ନାହିଁ ଆନ ରାହା
ତୁମେ ଗତି ମୁକ୍ତି ତୁମେ ଭକ୍ତିଦାତ୍ରୀ
ତୁମେ ତ ମମତାମୟୀ । ୨ ।

ଭୁବନେଶ୍ୱର ,ଓଡିଶା
ଯୋଗାଯୋଗ ... ୭୦୦୮୬୮୮୨୭୬

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ଶରତ ଯେବେ ଆସିଲା

ପ୍ରଶାନ୍ତ କୁମାର ନାଥ

ପାର୍ବଣର ଋତୁ ମହମହ ବାସିଲା
ଶରତ ଯେବେଠୁ ଆସିଲା
ଗାଆଁ ଆର ପାରି ନଈର ପଠାରେ
କାଶତଣ୍ଡି ଫୁଲ ହସିଲା ।

ମହିଷାମର୍ଦ୍ଦିନୀ ଦୁର୍ଗତିନାଶିନୀ
ଦୁର୍ଗା ମାଆ ପୂଜା ଚାଲିଲା
ଗାଆଁ ଆଗ ସେହି ଧାନର କ୍ଷେତରେ
ସୁନାମୁଖୀ ଧାନ ନାଚିଲା ।

ପୂଜା ମଣ୍ଡପରେ ମାଆ ବିଜେ କଲେ
ମନଟା ଖୁସିରେ ନାଚିଲା
ରଙ୍ଗ ବେରଙ୍ଗରେ ସଜବାଜ ପରା
ଝଲ ମଲ ହୋଇ ଦିଶିଲା ।

ଜୁଇ ଯାଇ ହେନା କେତକୀ ମାଳତୀ
ମହ ମହ ହୋଇ ବାସିଲା
ଗାଆଁ ପୋଖରୀରେ କଇଁ ଫୁଲ ପରା
ଖିଲି ଖିଲି ଏବେ ହସିଲା ।

ବରଷକ ପରେ ମାଆ ଆବିର୍ଭାବେ
ସବୁ କିଛି ନୂଆ ଲାଗିଲା
ଗାଆଁଟା ମୋହର ଆନନ୍ଦେ ନାଚିଲା
ଶରତ ଯେବେ ଠୁ ଆସିଲା ।

ଲାକ୍ଷ୍ମୀପୁରା, ବଦ୍ରାହାଲି,ସକାଲବାରା ରୋଡ଼,
ବାଙ୍ଗାଲୋର-୫୬୦୦୮୩
ମୋ-୦୮୮୯୨୩୦୧୧୪୩

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ସଂସାର ତିମିରେ ମା' ହିଁ ସାହା

ତ୍ରିଲୋଚନ ପଣ୍ଡା

ମଣିଷ ଜୀବନ ଆଶା ଗନ୍ତାଘର
ଆଶାରେ ମଣିଷ ଖୋଜେ ଲାବଣ୍ୟ
ମା ମାହେଶ୍ୱରୀ ଲକ୍ଷ୍ମୀ ସରସ୍ୱତୀ
ପରଶେ ଧରିତ୍ରୀ ରୂପ ଅନନ୍ୟ ॥ - ୧।

ଯେତେ ଦେହ ମର୍ତ୍ତ୍ୟେ ଭୋଗ୍ୟ ଶାସ୍ତ୍ର ମତେ
ଇଚ୍ଛା ମତେ କଲେ ବିଧି ବାହାରେ
ପାପ ରାଶି ଭାର ହୁଏ ଅସମ୍ଭାଳ
ଆକାଶ ଉଛୁଳେ ଦେବୀ ରୂପରେ ॥ -୨।

ଶୋଭାର ସମ୍ଭାର କାମନା ଆତୁର
କରାଏ ମନକୁ ସାରା ସଂସାର
ଭୋଗ ଲାଳସାର ସୀମା ଡେଇଁଗଲେ
ଦୁଃଖ ଧରିଆସେ ରୂପ କରାଳ ॥ -୩।

କୁଳବଧୂ ଯେବେ ବିବସନା ହୁଏ
ମାତା ଶୁଣେ ବାକ୍ୟ ମରମଭେଦୀ
ପରିତ୍ରାଣ ଭାଷା ଶେଷେ ରୂପ ନିଏ
ଦେବୀ ଦୁର୍ଗା ଅବା କୃଷ୍ଣା ଦ୍ରୌପଦୀ ॥ -୪।

ମାତା କାନ୍ତା କନ୍ୟା ଭଗ୍ନୀ ଭେଦେ ଶକ୍ତି
କାହାରି ଅପୂର୍ଣ୍ଣ ରଖେନି ଆଶା
ଅତିରିକ୍ତ ଆଣେ ଆମନ୍ତ୍ରଣ କରି
ଇତି ନାମଧାରୀ ଘୋର ଦୁର୍ଦ୍ଦଶା ॥ -୫।

ଭକତି କେବଳ ହୃଦୟ ବେପାର
ରସନା ବେପାର ଉପମା ଭାଷା
ଯେତେ ଗାଇଲେ ବି ମା'ର ମହିମା
ଶେଷ ହେବା ଆଶା ଲାଗେ ଦୂରାଶା ॥ -୬।

ନୀର ଧାର ମା ଖିର ଧାର ମା
ବସୁନ୍ଧରା ମା ଜଗତ ପ୍ରାଣ
ଶରତ ଋତୁର ଶିଶିର ପରଶ
ମା ହୃଦୟର ପ୍ରୀତି ପ୍ରମାଣ ॥ -୭।

ହଂସ ବାହନରେ ହିଂସ୍ର ବାହନରେ
ଯେମିତି ତୁମର ଇଚ୍ଛା ହେ ମା
ଆସ ଅବତରି ଆସ ମା ଦୁର୍ଗେ
ସଂସାର ତିମିରେ ତୁମେ ହିଁ ସାହା ॥- ୮।

----------o----------

ଭୁବନେଶ୍ୱର

ଯୋଗାଯୋଗ ... ୯୪୩୯୧୯୭୫୬୦

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ଦେବୀ ତବ ଆଗମନେ

ମନୋରମା ମିଶ୍ର

ବର୍ଷାର ନାହିଁ ଘନଘଟା ଏବେ
ଶରତ ଉଷତ ଚିତ୍ତ
ଉତ୍କଳ ଧରା ତବ ଆଗମନେ
ଅଧୀର ପୁଲକେ ସ୍ପୀତ ।

ଶୁଭ୍ର ଶେଫାଳି ନିଜକୁ ଲୋଟାଇ
ସଜାଇଛି ତୁମ ପଥ
ଧନ୍ୟ ମଣୁଛି ବିକଚ କୁମୁଦ
କରି ପଦେ ପ୍ରଣିପାତ ।

ଖଞ୍ଜି ଦେଇଛି ଶରଦ ଆକାଶ
ସୁନୀଳ ଚାନ୍ଦୁଆ ଶିରେ
ବିଞ୍ଚି ଦେଇଛି ଆଲଟ ଚାମରେ
କାଶତଣ୍ଡୀ ଧୀରେ ଧୀରେ ।

ବର୍ଷା ପ୍ରଭାବେ ପ୍ରଦୂଷିତ ଯେତେ
ନଦୀ ସରୋବର ଜଳ
ନିର୍ମଳ ଦିଶି ମଧୁର ନିନାଦେ
ଗାଇଲେଣି କଳକଳ ।

ଅଳି କୁଳ ଆସି ଗୋଳ କରିଲେଣି
ଗୁଣୁଗୁଣୁ ଗୁଞ୍ଜରଣେ
ଫୁଲର ମହକ ଗୋଳି ହୋଇଲେଣି
ମୃଦୁମନ୍ଦ ସମୀରଣେ ।

ସକଳ କଣ୍ଠେ ସ୍ୱାଗତ ଗୀତିକା
ଅଭିନନ୍ଦନ ସୁରେ
ପୂଜା ଅର୍ଚ୍ଚନା ମିଳିତ ବନ୍ଦନା
ଚାଲିଅଛି ପୁରେ ପୁରେ ।

ମୂର୍ତ୍ତି ତୁମର ପୀଠରେ ପୀଠରେ
ଥାପିଦେଇ ଭକ୍ତଜନ
ମର୍ଦ୍ଦଳ ଘଣ୍ଟ ଶଙ୍ଖ ବଜାଇ
କରୁଛନ୍ତି ଆବାହନ ।

ଆସ୍ଥାନେ ତବ କିଏ ସେ ଧାଇଁଛି
ପୂଜା ଉପଚାର ନେଇ
ବନ୍ଦନା କିଏ କରୁଛି ନୀରବେ
ଆଖିର ଲୋତକ ଦେଇ ।

ପ୍ରାର୍ଥନା କା'ରେ ସକଳ ଆଶିଷ
ନିଜେ ଲୁଟି ନେବାପାଇଁ
କାହାର ଯାଚନା ସୃଷ୍ଟିକୁ କର
ସୁନ୍ଦର ମହାମାୟୀ ।

ହିଂସା ଦ୍ୱେଷରେ ନିପୀଡିତ ଧରା
ଆଜି ନୁହେଁ କାଳେ କାଳେ
ସର୍ବ ଯୁଗର ଶକ୍ତିମୟୀ ଗୋ
ରକ୍ଷାକର କଳେ ବଳେ ।

ନୀଳାଦ୍ରି ବିହାର
ଭୁବନେଶ୍ୱର -୨୧

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ନାରୀକବି ସୁଷମା ପରିଜା ଙ୍କ ଆନ୍ତରିକ ଭକ୍ତିର ନିଦର୍ଶନ ସ୍ୱରୂପ ଦୁର୍ଗତୀ ନାଶିନୀ ମା ଦୁର୍ଗାଙ୍କୁ ଅର୍ପିତ କରିଥିବା ଦୁଇଟି ମାତୃ ସ୍ତୁତି :

ସ୍ତୁତି – ୧

ମା'ଗୋ ମହାମାୟା
ଦୁର୍ଗତିନାଶିନୀ ଦୁର୍ଗା ବରାଭୟା ।।
ସର୍ବମଙ୍ଗଳା ଭବାନୀ ମହାଗୌରୀ ଗୋ ରୁଦ୍ରାଣୀ
ଅନନ୍ତ ଅବ୍ୟକ୍ତ ରୂପା ଅମ୍ବିକାୟା ।।
ପାଶ ଅଙ୍କୁଶ ମଣ୍ଡନା ଖଡ୍ଗ ଖର୍ପର ଶୋଭନା
ପଦ୍ମ ସ୍ଫଟିକ ଧାରିଣୀ ହରପ୍ରିୟା ।।
ଚକ୍ର ଢାଲ ସୁଶୋଭିତା ଚଣ୍ଡୀ ଚାମୁଣ୍ଡା ବେଷ୍ଟିତା
ଦନୁଜଦଳିନୀ ମା'ଗୋ ବନ୍ଦନୀୟା ।।
ଚନ୍ଦ୍ରହାସା ନୃତ୍ୟରତା ପ୍ରିୟମ୍ବଦା ଜଗଜ୍ଜିତା
ରକ୍ତ ମନ୍ଦାର ମାଳିନୀ ମା ଅଭୟା ।।
ସୃଷ୍ଟି ସ୍ଥିତି ସଂହାରିଣୀ ଶୁମ୍ଭ ନିଶୁମ୍ଭ ନାଶିନୀ
ଅଗତି ଗତି ଦାୟିନୀ ଶିବ ଜାୟା ।।
ଭବଭୟ ନିବାରିଣୀ ଅମୃତହସ୍ତା ମୋହିନୀ
ଦୋଷ କ୍ଷମା କରି ବାରେ କର ଦୟା ।।
ମହିଷାସୁର ମର୍ଦ୍ଦିନୀ ଶିବା ସତ୍ୟ ସନାତନୀ
ଆସ ଆସ ବିଜେ ହୁଅ ଗୋ ବିଜୟା ।।

ସ୍ତୁତି- ୨

ମା'ଗୋ ବନ୍ଦନୀୟା
ତ୍ରିତାପହାରିଣୀ ଦେବୀ ମହାମାୟା ।।
ବିପଦଭଞ୍ଜନୀ ଗୌରୀ ଚନ୍ଦ୍ରଘଣ୍ଟା ଶାକମ୍ବରୀ
ବ୍ରହ୍ମଚାରିଣୀ ମାତଙ୍ଗୀ ଶିବ ଜାୟା ।।
ବିନ୍ଧ୍ୟବାସିନୀ ଭାମା ନୃତ୍ୟ ବିଳାସିନୀ ଉମା
ଶଙ୍କର ଘରଣୀ ମାତା ଅଗ୍ନି କାୟା ।।
ଦିବ୍ୟତେଜା ସିଦ୍ଧିଦାତ୍ରୀ କୁଷ୍ମାଣ୍ଡା ଗୋ କାଳରାତ୍ରୀ
ତ୍ରିପୁରମୋହିନୀ ମାତ ଗୋ ବିଜୟା ।।
ଶୈଳପୁତ୍ରୀ ଗୋ ଅମ୍ବିକା ସ୍ୱାହା ସ୍ୱାଧା ଆଦ୍ୟାତ୍ମିକା
ଦନୁଜଦଳିନୀ ମାଗୋ ଦିବ୍ୟକାୟା ।।
ପୃଥ୍ୱୀର ଭାରା ନିବାରିଣୀ ଶିବାନୀ ଭବାନୀ ରୁଦ୍ରାଣୀ
ରମ୍ୟକବର୍ଦ୍ଧନୀ ମାତ ହରପ୍ରିୟା ।।
ଶୁମ୍ଭ ନିଶୁମ୍ଭ ନାଶିନୀ ଛିନ୍ନମସ୍ତା କାତ୍ୟାୟନୀ
ଅଗତି ଗତିଦାୟିନୀ ବରାଭୟା ।।
ମହିଷାସୁର ମର୍ଦ୍ଦିନୀ କଳ୍ପଲତା ସୀମନ୍ତିନୀ
ବଗଳାମୁଖୀ ବିମଳା ନୃତ୍ୟପ୍ରିୟା ।।
ଶରଣ ତୋ ପାଦ ଗତେ ଉଦ୍ଧାର କର ଗୋ ମାତେ
ନିମିଷ ମାତ୍ରେ ଗୋ ମାଆ କର ଦୟା ।।

ଶାରଳା ଭବନ, ପୋଡାପୋଖରୀ, ନୂଆବଜାର, କଟକ

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ଦୁର୍ଗତି ନାଶିନୀ ମାଆ

ସୁପ୍ରଭା ସାମଲ

ଦୁର୍ଗତି ନାଶିନୀ ଆଦିଶକ୍ତି ତମେ
କଲ୍ୟାଣକାରିଣୀ ମୁକ୍ତିର ମହାମାୟା
ବରଷକେ ଥରେ ଏ ଧରା ପୃଷ୍ଠକୁ
ଅବତରି ଆସି ସାଜିଅଛ ଶାରଦୀୟା ।

ଶରତ ଋତୁରେ ଶୁଭ୍ର କାଶତଣ୍ଡୀ ଗାଉଥାଏ ନିତି
ତମରି ସ୍ୱାଗତ ଗୀତି
ତମ ଆଗମନେ ହସିଉଠୁ ଧରା ଅପସରି ଯାଉ
ଦୁଃଖ, ଶୋକ, ଭୟ, ଭ୍ରାନ୍ତି ।

ସାରା ଜଗତର ମଙ୍ଗଳ ପାଇଁ କଳୁଷ ବିନାଶି
କାତ୍ୟାୟନୀ ସାଜି କରୁଣା ବରଷି ଦିଅ
ମଙ୍ଗଳମୟୀ ଆସିଛ ସଂସାରେ ଯନ୍ତ୍ରଣା ଦୂରେଇ
ପୋଛିଦିଅ ଆଖି ଲୁହ ।

ପ୍ରତିଟି ପ୍ରାଣର ଚିନ୍ତା, ଚେତନାରେ ଭରିଦିଅ ମାଗୋ
ଅମୃତର ମିଠା ସ୍ପର୍ଶ, ପୁଲକ
ସୃଷ୍ଟି ସ୍ୱରୂପିଣୀ, ଶକ୍ତି ପ୍ରଦାୟିନୀ ଅନ୍ଧାର
ଦୂରେଇ ଦେଖାଅ ନୂତନ ଆଲୋକ ।

ପବିତ୍ର ଦିବସେ ଲୋଡୁଛି ଆଶିଷ
ଏଇତକ ମୋର ଆବାହନୀ ହୃଦୟର
ଅଧର୍ମ ବିନାଶି ଧର୍ମ ସଂସ୍ଥାପନେ ତମରି
ସୃଷ୍ଟିକୁ ତମେ ନିଜେ ରକ୍ଷା କର ।

ମାହାଙ୍ଗା, କଟକ



ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ଦଶଭୂଜା ମାତେ

ପଙ୍କଜିନୀ ଉପାଧ୍ୟାୟ

ହସ୍ତ ପାଦ
ସର୍ବାଙ୍ଗ ସଜ୍ଜିତ
ପୁଷ୍ପମୟ ତା'ର ସୁବାସ
ପୁଷ୍ପମୟ ବେଶ।

ପୁଷ୍ପମନା ସେ
କେବେ ପୁଣି ଆନମନା
କେବେ ସଂହାର ବଦନା
ତେଜସ୍ୱିନୀ ଔଜସ୍ୱିନୀ
ଶୁଭେ ଦିବ୍ୟ ଆବାହନୀ
ମେଢର ଅନ୍ତରୁ
ଭକ୍ତ ଗହଳରୁ
ବ୍ରାହ୍ମଣ ମନ୍ତ୍ର ଉଚ୍ଚାରଣରୁ ।

ସବୁ ଭେଦ
ଭିତରେ ସେ ଅଭେଦ୍ୟ
ଶଙ୍କିର୍ଣ୍ଣମନା ନୁହେଁ
ସର୍ବତ୍ର ପରିବ୍ୟାପ୍ତ ତା'ର
ତେଜଭରା ଚକ୍ଷୁ
ଆକାଶୁ ବସୁଧା ସଦା ଅଭିନ୍ନତା ।

ସୃଷ୍ଟି କାରିଣୀ
ମମତା ମାଧୁରୀରେ
ସଜାଇଛି ସଭିଙ୍କର ଗଭା
ସସାଗରା ଧରା ସବୁ ତା'ର
ହାତଗଢା ପରା ।

ବିଚ୍ଛୁରିତ
ଆଲୋକର ରେଖା
ଯାହା ସୃଷ୍ଟିରେ ଦେଖା
କରୁଣାର ବୃଷ୍ଟି ତା'ର
ସତ୍ୟର ଆଲୋକ
ଅସତ୍ୟର ବିନାଶ
ସଂହାରିଣୀ ପୁଣି ବିଶ୍ୱ କଲ୍ୟାଣୀ ।

ବରଷର ବାରମାସ
ଘରେ ଘରେ ତା'ର ବାସ
ଦୁଇ ବାର ଦେଖାଦିଏ
ମୁଣ୍ମୟୀ ବେଶରେ
ଭିନ୍ନ ଭିନ୍ନ ବେଶରେ
ବାଜା ରୋଷଣିରେ
ଭିନ୍ନ ବସନରେ
ଶବ୍ଦ ସହରରେ ।

ମରତରେ
ଦିଏ ପାଦ
ମମତାର ନୂଆ ଛନ୍ଦ
ଚେତନାର ନୂତନ ଆବେଶ
ଶସ୍ୟ ଶ୍ୟାମଳା ଧରଣୀର ବକ୍ଷ।

ଇଚ୍ଛାର
ଇଚ୍ଛାଶକ୍ତିକୁ କରଇ ଜାଗ୍ରତ
ଧର୍ମ ଅର୍ଥ କାମ ମୋକ୍ଷ
ଭାବନାର ଗୀତ
ସ୍ୱପ୍ନର ରଙ୍ଗକୁ ଦିଏ
ବାସ୍ତବ ରୂପ।

ହଜିଯିବା ଭିଜିଯିବା
ଭାବର ତରଙ୍ଗେ
ନାଚିବା ଗାଇବା ଉପଯୁକ୍ତ ଛନ୍ଦେ
ବନ୍ଦିବା ଦେବୀଙ୍କୁ ବିଜୟାର ବାସେ
ଆବିର୍ଭୂତା ଜଗତ ମାତା
ପୂଜିବା ଏ ମେଢରୁ ସେ ମେଢ
ମାଗିବା କରୁଣାର ବାରି।

ପ୍ରତିଶ୍ରୁତି
ଦେଇଦେବା
ସୁସ୍ଥ କାମ କରିଯିବା
ଦୟା ସବୁ ମାଗିନେବା
ଦିବ୍ୟ ଚେତନାକୁ କରିବା ଜାଗ୍ରତ।

ପ୍ରଣାମ
ମାତେ ଶକ୍ତିମୟୀ
ଭକ୍ତିମୟୀ ସ୍ନେହମୟୀ
ଦୟାମୟୀ କର୍ମମୟୀ
ଜନନୀ ଭଗିନୀ ଜାୟା
ଦଶହରାର ପୂଣ୍ୟ ପ୍ରଣାମ।

ଅରଙ୍ଗାବାଦ

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ଝରିଯାଉ ଦେବୀ କଲ୍ୟାଣ

ଲତିକା ବିଳାସ

ଅଶିଣ ଆକାଶୁ ରୂପେଲୀ ଜହ୍ନଟା
ରଜତ ଜୋଛନା ସିଞ୍ଚୁଛି ,
ମେଘ ଭୟ ଛାଡି ସୁରୁଜ ସୁନେଲୀ
କୁଞ୍ଚି କୁଞ୍ଚି ଖରା ବିଞ୍ଚୁଛି ।

ଦ୍ୱିତୀୟ ବସନ୍ତ କାଳ ଏ ଶରତ
ଫୁଲ ,ଫଳେ ଧରା ହସୁଛି ,
କାଇଁଶର ରୂପା ଚଉଁରୀକୁ ଖୋଷି
ଆହା କି ସୁନ୍ଦର ଦିଶୁଛି !

ନବଦୂର୍ଗାଙ୍କର ନବରାତ୍ର ଲୀଳା
କମ୍ପୁଛି ଗଗନ ପବନ ,
ନବ ରଙ୍ଗର ପ୍ରତିନିଧି ମାତା
ସପ୍ତ ଚକ୍ରରେ ସାଧନ ।

ହଳଦୀ ପ୍ରତୀକ ଦେବୀ “ଶୈଳପୁତ୍ରୀ”
ହୈମବତୀ , ଗିରିନନ୍ଦିନୀ ,
“ମୂଳାଧାର ଚକ୍ରେ” ସାଧନା ତାଙ୍କର
ହର୍ଷ , ଆନନ୍ଦବର୍ଦ୍ଧିନୀ ।

“ବ୍ରହ୍ମଚାରିଣୀ” ମା' ସବୁଜ ପ୍ରତୀକ
ଆଶୁତୋଷ ଅଙ୍କଶାୟିନୀ ,
“ସ୍ୱାଧିଷ୍ଠାନ ଚକ୍ରେ” ଯୋଗୀଙ୍କର ନିଷ୍ଠା
ଶାନ୍ତି ,ସନ୍ତୋଷ ଦାୟିନୀ ।

ଧୂମ୍ରାଭ ପ୍ରତୀକ “ଚନ୍ଦ୍ରଘଣ୍ଟା ”ମାତ
ମସ୍ତକରେ ଚନ୍ଦ୍ର ଶୋହିତ ,
“ ମଣିପୁର ଚକ୍ରେ” ଆରାଧନା କଲେ
ଭକ୍ତିରେ ହୁଅନ୍ତି ମୋହିତ ।

ନାରଙ୍ଗୀ ରଙ୍ଗଟି “କୁଷ୍ମାଣ୍ଡା ”,କାମାକ୍ଷୀ
“ଅନାହତେ ”ଧ୍ୟାନ ତାଙ୍କର ,
ସ୍ମିତହାସିନୀ ସେ ତେଜ ,ଓଜେ ତାଙ୍କୁ
ସମ ନୁହେଁ କୋଟି ଭାସ୍କର ।

ଦେବୀ“ ସ୍କନ୍ଦମାତା” ଶ୍ୱେତରଙ୍ଗେ ଯୁକ୍ତା
“ବିଶୁଦ୍ଧ ଚକ୍ର” ରେ ଶାୟିତ ,
ମମତା ଝୁଲଣା ,ମରୁରେ ଝରଣା
ମାତୃ ସ୍ୱରୂପେ ଧାୟିତ ।

ନାଲି ସମର୍ପିତ “କାତ୍ୟାୟନୀ”ମାତେ
“ଆଜ୍ଞା ଚକ୍ରେ” ତାଙ୍କ ସଂସ୍ଥିତି ,
ଅନଳ ପ୍ରତିମା, ଅପୂର୍ବ ମହିମା
ଦେବ କ୍ରୋଧାନଳୁ ଉତ୍ପତ୍ତି ।

" କାଳରାତ୍ରୀ " ରୁଦ୍ର ସୁନ୍ଦର ମୂରତି
ଘନ ନୀଳ ତାଙ୍କ ଆକୃତି ,
"ସହସ୍ରାର ଚକ୍ରେ " ମନ ଲଗାଇଲେ
ଦେଇଥାନ୍ତି କୃପା ବିଭୂତି ।

ଗୋଲାପୀ ରଙ୍ଗଟି “ମହାଗୌରୀ”ପାଇଁ
ମା ' ସେ ଭୁବନ ମୋହିନୀ ,
ନବ ଆଶା ,ନବ ଉତ୍ଥାଦନା ଜାଗେ
ହୃଦୟରୁ କଲେ ଦୟିନୀ ।

ବାଇଗଣୀ ରଙ୍ଗ“ ସିଦ୍ଧିଦାତ୍ରୀ” ନାମେ
ସଙ୍କଟ ,ସନ୍ତାପ ହାରିଣୀ ,
ଶକ୍ତି ,ଶାକମ୍ବରୀ ,ଶିବାନୀ ସେ , ସର୍ବ
ଅଭିଳାଷ ପୂର୍ତ୍ତିକାରିଣୀ ।

ନବରାତ୍ରୀ , ନବକୁମାରୀ ବନ୍ଦନା
ହେଉ ନାରୀଜାତି ସମ୍ମାନ ,
କଳୁଷ ,କଳ୍ମଷ ଦୂରେ ଘୁଞ୍ଚିଯାଉ
ଝରିଯାଉ ଦେବୀ କଲ୍ୟାଣ ।

ଭଟଲି ଛକ , ବରଗଡ

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଶୁଭ୍ରୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ଶରତେ ପାର୍ବଣ

ସୁଦ୍ରୁମା ପଣ୍ଡା

ଶରତାଗମନେ ଦିଗ ନିରିମଳ
ଜହ୍ନ ହସେ କିରି କିରି ।
ନୀଳ ଆକାଶରେ ଧଳା ମେଘ ଭାସେ
ସାଗରେ କି ଅବା ତରୀ ।। ୧ ।।

ନଈ ପଠା ପୁଣି ଗହୀରି ହିଡରେ
କାଶତଣ୍ଡି ଖେଳେ ଦୋଳି ।
ମଥା ଦୋହଲାଇ ସ୍ୱାଗତ କରଇ
ବିଜେ ହେବେ ମାଁ ବୋଲି ।। ୨ ।।

ସୁସଜ୍ଜିତ ଧରା ଦିଶେ କେଡ଼େ ଚୋରା
ବର୍ଷା କୁ ବିଦାୟ ଦେଇ ।
ନଦୀ ପୁଷ୍କରିଣୀ ତଡାଗ ହସଇ
ଅନାବିଳ ଜଳ ବହି ।। ୩ ।।

ରାତ୍ରେ କୁମୁଦିନୀ ଦିବସେ ପଦ୍ମିନୀ
ହସନ୍ତି ନୟନ ମେଲି ।
ପ୍ରିୟତମ ସାଥେ ପ୍ରେମାଳାପେ ମତ୍ତ
ପ୍ରେମ ଭରା ହୃଦ ଖୋଲି ।। ୪ ।।

ମୃଦୁ ମନ୍ଦ ସମୀରଣ ଯାଏ ବହି
ସ୍ୱାଗତ ଗୀତିକା ଗାଇ ।
ଶାରଦୀୟ ଜ୍ୟୋସ୍ନା ପିଇ ଜହ୍ନି ଫୁଲ
ହସେ ଖିଲିଖିଲି ହୋଇ ।। ୫ ।।

ନିଆଳି ସେଫାଳି ହରଗଉରା ର
ସଙ୍ଗତେ ଚମ୍ପା ମନ୍ଦାର ।
ପ୍ରଫୁଲ୍ଲିତ ହୋଇ ରହିଛନ୍ତି ଚାହିଁ
ବାଢି ସ୍ୱାଗତ ସମ୍ଭାର ।। ୬ ।।

ଧରାବତରଣ କରିବେ ଜନନୀ
ଉଲ୍ଲସିତ ପ୍ରତି ପ୍ରାଣ ।
ଶଙ୍ଖ ଘଣ୍ଟ ଢୋଲ ହୁଳହୁଳି ଶୁଭେ
ଆସିଛି ପରା ପାର୍ବଣ ।। ୭ ।।

ଜଗତ ଜନନୀ ଦୁର୍ଗତୀ ନାଶିନୀ
ସିଂହ ବାହିନୀ ଭବାନୀ ।
ଦଶ ଭୁଜେ ଦଶ ଆୟୁଧ ଶୋଭିତ
ଦନୁଜ ଦର୍ପ ଦଳିନୀ ।। ୮ ।।

ଅଯୋନି ସମ୍ଭୁତା ଅମ୍ବେ ଜଗନ୍ମାତା
ବିଜେ ଆଜି ଧରା ଧାମେ ।
କୋଣ ଅନୁକୋଣ ସ୍ଥାବର ଜଙ୍ଗମ
ଉଲ୍ଲସିତ ତାଙ୍କ ନାମେ ।। ୯ ।।

ପୀଠ ମଣ୍ଡପରେ ଦେବୀ ବୀଜ ମନ୍ତ୍ର
ଗୁଞ୍ଜରି ପୁଲକ ଭରେ ।
ଜଗତ କଲ୍ୟାଣୀ କଲ୍ୟାଣ କର ମାଁ
ଶରଣ ଗଲି ପୟରେ ।। ୧୦ ।।

ଭଟଲି,ବରଗଡ଼

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ମାଆ ଆସୁଛନ୍ତି

ପ୍ରତିଭା ପରିଜା

ସବୁ ଆଡ଼ ହସ ହସ
ନିର୍ମଳ ଆକାଶ
ଚାରିଆଡ଼ କାଶ ତଣ୍ଟି ଫୁଲ ର ସମ୍ଭାର
ରାସ୍ତା ଘାଟ ସବୁଜ ସୁନ୍ଦର
ଚଉଦିଗେ ଖୁସି ର ଆସର ।।

ଗଙ୍ଗ ଶିଉଳି ର ବାସେ
ପାହାନ୍ତି ପହର ବାସେ
ଦଶରା ଦଶରା ଲାଗେ
ମାଆଙ୍କ ଧରା ପ୍ରବେଶେ ।।

ମାଆ ଆସୁଛନ୍ତି,
ପାର୍ବଣ ର ମହକ ରେ
ମହକୁଛି ଚାନ୍ଦିନୀ
ଦୁଲୁକୁଛି ମେଦିନୀ
ମାଆ ଆସୁଛନ୍ତି,
ଆସୁଛନ୍ତି ଦୁର୍ଗତିନାସିନୀ ।।

ଅମୃତ ପାଲଟିବ
ଗରଳର କୁମ୍ଭ
ଅନ୍ଧାର ନାଶିବେ ମାଆ
ପାପ ତାପ ନାଶିବେ
ଭରିଦେବେ କରୁଣାର ବାରି ।।

ଦୁର୍ଗତିନାସିନୀ ମାଆ
ଦୁର୍ଗା ଦଶ ଭୁଜା
ସର୍ବ ଦୁଃଖ ହାରିଣୀ
ଜନ୍ମ ଜନ୍ମାନ୍ତର ପାପନାସିନୀ ।।

ଘଣ୍ଟ ଘଣ୍ଟା ଶଙ୍ଖ ନାଦେ
କମ୍ପୁଛି ମହୀ ମଣ୍ଡଳ
ମାଆଙ୍କ ବନ୍ଦନା , ଭକ୍ତି ପୂଜା ଅର୍ଚ୍ଚନା
ହୃଦୟେ କମ୍ପନ ଜାଗେ , ଆଖି ଢଳଢଳ ।।

ଆସ ମାଆ ଦୁର୍ଗା
ଅବତରି ଆସ
ହସୁ ଆଜି ଧରା
ଏ ମହି ମଣ୍ଡଳ
ଖୋଲି ଦିଅ ଆଖି
ଢାଳି ଦିଅ ଆଶିଷ ର ବାରି
ଭକ୍ତି ରେ ଭରି ଦିଅ
ହୃଦୟ କୁ ମୋର ।।

ତୁମରି ଚରଣ କମଳ ତଳେ
କୋଟି ପ୍ରଣତି ଢାଳେ
କେବଳ ଆଶିଷ ଟିକେ
ଦେଉ ଥାଅ ମାଆ
ହୃଦୟ ବନ୍ଧକ ଥାଉ
ଚିର କାଳ ପାଇଁ ତୁମ ପାଦ ତଳେ ।।

ସିଡିଏ , କଟକ
ଓଡିଶା

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଶ୍ରୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ମାଆ ମୋ ଭବାନୀ

ତପନ କୁମାର ସ୍ୱାଇଁ

ଧୋବ ଫରଫର ଅଶିଣ ଆକାଶେ
ଦିଶୁନି ମେଘର ବଜାର ,
କିଏ ସେ ଉଡେଇ ଦେଇଛି ଯେମିତି
ଚିରା କାଗଜରୁ ହଜାର ।

ଭାସୁଅଛି ଏବେ ରୂପା ପରି ତୋଫା
ବଉଦମାନଙ୍କ ତଳେଇ ,
ଯେମିତି ସତେକି ଆସୁଛନ୍ତି ଦଳେ
ବଣିକ ବୋଇତ ମେଲେଇ ।

ଶାଗୁଆ ଶାଗୁଆ ଧାନକିଆରି ରେ
ପବନ ଭାଙ୍ଗୁଛି ସାଧନ ,
ମାଆ ଆସୁଛନ୍ତି ମରତ ଭୂଇଁକୁ
କରିବାକୁ ଦୁଷ୍ଟ ନିଧନ ।

ଆଲୋକ ମାଳାରେ ସଜା ହୋଇଲାଣି
ସଡକ କଡରେ ତୋରଣ ,
ସଭିଏଁ ସଭିଙ୍କୁ ଖୁସି ବାଣ୍ଟୁଛନ୍ତି
ନାହିଁ ଭେଦଭାବ ବାରଣ ।

ଭୁବନ ମୋହିନୀ ଜଗତ ଜନନୀ
ମାଆ ପଦେ ନେବା ଶରଣ,
ଧୂପ,ଦୀପ ,ଝୁଣା,ସଞ୍ଜ ଆଳତୀରେ
ବନ୍ଧାଇବା ମାଆ ଚରଣ ।

ଦୁର୍ଗତିନାଶନୀ ମାଆ ମୋ ଭବାନୀ
ଭକତଙ୍କୁ ଦେବେ ଆଶିଷ ,
ମରତ ଭୁଇଁରେ ସୁଖ ବିରାଜିବ
ଆଉ ମାଗୁବୁନି ବିଶେଷ ।

ଏତିକି କରୁଣା କରିବୁ ଲୋ ମାଆ
ଶ୍ୟାମଳିମା ରହୁ ଧରଣୀ ,
ଫୁଲରେ ଫଳରେ ହସୁଥାଉ ଧରା,
କ୍ଷେତ,ବାଡ଼ି ,ବନ,ସରଣୀ ।

ଜଗତସିଂହପୁର
ମୋ : ୯୦୪୦୦୩୩୩୯୦

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଶୁଭ୍ରୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ପାର୍ବଣ ଋତୁ

ଡ. ଆଲୋକ କୁମାର ରାୟ

ଭୋଦୁଅର ଖରା ଭାରି କନକନ, ଛନ ଛନ ମନ ମୋହୁଛି ,
ଅଶୀଣକୁ ଦେଖ ଛିଟ ଲୁଗା ପିନ୍ଧି ଫୁଲ ବଗିଚାରେ ଖେଳୁଛି।

ବିଓଳି ଧାନ କଟା ହେବା ପରେ ଧାନ କ୍ଷେତ ଋଷି ବସିଛି
ଆକାଶଟା ସାରା ଫର୍ଦ୍ଦ ଧଳା ମେଘ ସ୍ୱଚ୍ଛତାରେ ମନ ମୋହୁଛି।

କଇଁ ଗଡ଼ିଆରେ ଦିଶୁଛି ଯେପରି ସାଗୁ ଦାନା କିଏ ବିଞ୍ଚିଛି,
ଘାଣ୍ଟ ତିଅଣର ଘରୋଇ ସୁଆଦ ପାଟିରେ ଏବେ ବି ଲାଖିଛି।

ନଈ ପଠା ପରେ ଚଗଲି କାଶତଣ୍ଡି ଠୋ ଠୋ କରି ହସୁଛି,
ପୋଖରୀରେ ପାଣି କାଚକେନ୍ଦୁ ପରି ଆଇନାର ଭ୍ରମ ଆଣୁଛି।

କମିକମି ଆସେ ବରଷାର ତେଜ ଶରତ ଏ କଥା ଜାଣି ହସୁଛି,
ସକାଳ ପ୍ରହରୁ ଘାସର ନାକରେ ଶିଶିରର ନୋଥ ସେ ନାଇଛି।

ନୀଳାଭ ଅମ୍ବର, ନୀଳ ନୀଳ ସ୍ୱପ୍ନ ଗୃହବଧୂ ଏବେ ନିଇତି ଦେଖୁଛି,
ପୂଜା ପାରବଣ ,ଖୁସିର ସମୟ, ଛୁଟି ନେଇ ବିଦେଶୀ ଘରକୁ ଫେରୁଛି।

ଭାଦ୍ର- ଆଶ୍ୱିନେ ଶରତ ସମ୍ଭାରେ ଜଗତର ଶୋଭା ମନକୁ ଲୋଭୁଛି,
ଧରାବତରଣେ ମାଆଙ୍କର ପୂଜା ସ୍ତୁତି ହରିତ ଧରିତ୍ରୀ ଗାଉଛି।

ମନରେ ଉତ୍କଣ୍ଠା, ପ୍ରାଣରେ ଭକ୍ତି, ସଚରାଚର ଶକ୍ତି ପ୍ଲାବନ ବେଢ଼ିଛି,
ସହର ବଜାରେ ଗାଆଁ ମଫସଲେ ସବୁଠି ଖୁସିର ଭଉଁରୀ ଘୁରୁଚି।

ଯାଜପୁର

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଗୌରୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ଦୁର୍ଗା ଦୁର୍ଗତି ନାଶିନୀ

କମଳିନୀ ଦେବୀ

ଆଶ୍ୱିନ ଆଗମେ ଦେବୀ ଆବାହନେ
କାଶତଣ୍ଡୀ ଫୁଲ ହସେ
ନଇପଠା ଧାର, ପାଟ ବିଲ ପୁଣି
କି ସୁନ୍ଦର ଆହା ଦିଶେ ।।

ପ୍ରକୃତି ସବୁଜ ରଙ୍ଗେ ସଜେଇଛି
ଆସିବେ ମାଆ ଶାକମ୍ବରୀ
ପ୍ରକୃତି ର ଶୋଭା ଭଣ୍ଡାର ଦର୍ଶନେ
ହୃଦ ମନ ଯାଏ ଭରି ।।

ତ୍ରିନାଥଙ୍କ କୋପ ଶକ୍ତି ତେଜପୁଞ୍ଜ
ଲେଲିହାନ୍ ଶିଖା ଧରି
ଦିପ୍ତ ଅନଳୁ ଆବିର୍ଭୂତା ହେଲେ
ମାତା ଦୁର୍ଗା ଶାକମ୍ବରୀ ।।

ତାଙ୍କୁ ପୂଜାକରି ରାମ ଧନୁର୍ଦ୍ଧାରୀ
ବଧିଥିଲେ ଲଙ୍କା ପତି
ଦାନବର ବଂଶ କରିଣ ନିପାତ
ଉଦ୍ଧାରିଲେ ସୀତା ସତୀ ।।

ସିଂହ ପୃଷ୍ଠେ ବିଜେ କରିବେ ମାତା ଯେ
ମହିଷାସୁର ମର୍ଦ୍ଦିନୀ
ବାଜି ଉଠେ ଘଣ୍ଟ, ଶଙ୍ଖ, ହୁଳହୁଳି
କମ୍ପି ଉଠୁଛି ମେଦିନୀ ।।

ଷୋଡ ଉପଚାରେ ଦେବୀ ଆବାହନ
କରିବେ ଜଗତଜନ
ନା ନା ବର୍ଣ୍ଣ ଫୁଲ ଫଳେ ଅପ୍ୟାୟିତ
ତୋଷ ହେବ ତାଙ୍କ ମନ ।।

ନାଲି ପାଟ ନାଲି ମନ୍ଦାର ମାଳରେ
ନାଲି ସିନ୍ଦୁରେ ଶୋଭିତା
ଆଦିଶକ୍ତି ମାତା ଭୁବନ ମୋହିନୀ
ସିଏତ ଅପରାଜିତା ।।

ନାଶିବେ ଧରାରେ ପାପ ତାପ ଯେତେ
ପୃଥ୍ୱୀ ହୋଇବ ଉଶ୍ୱାସ
ମାତା ବସୁମତୀ ଆନନ୍ଦିତ ହେବ
ଲୋକେ ହୋଇବେ ଉଲ୍ଲାସ ।।

ଇଉନିଟ୍ -୬
ଭୁବନେଶ୍ୱର

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଡୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ମାତୃ ଆଗମନେ !!

ବନ୍ଦିତା କର

ମାତୃ ଆଗମନେ, ଶରତ ସରିତ
ନିରତେ ବହୁଛି ହୋଇ ଅଧିର ।
ପୁଲକ ତରଙ୍ଗ ପ୍ରତି ହୃଦୟରେ ,
ମିଳନ ଛନ୍ଦରେ ମୁକ୍ତି ସାଗର ।
ପୁଣ୍ୟର ଜୟ, ସତ୍ୟର ଜୟ
ମନ୍ତ୍ର ଶୁଭୁଛି ତୁହାକୁ ତୁହା ।
ପାପର ମହିଷା ଧରାଶାୟୀ ହେବ,
ମାତୃଶକ୍ତି ହେବ ନିଶ୍ଚୟ ସାହା ।
ଏଇ କଥା କେହି କହେ କି? କାନରେ,
ଆନ୍ଦୋଳିତ ମନ ପ୍ରାଣ ଶରୀର ।
ମାତୃ ଆଗମନେ ----------୧--

ଦିବ୍ୟ ପରାକାଷ୍ଠା ଲଢିବାର ନିଷ୍ଠା
ଦିବ୍ୟ ନୟନର ଆଶିଷ ଧାର ,
ଜ୍ୱଳନ୍ତ ନୟନେ ଏକ ଅଙ୍ଗୀକାର
ଦୁଃଖ ବିମୋଚନ ତ୍ରସ୍ତ ଆମ୍ବାର
ଜଗତ କଲ୍ୟାଣେ , ଜଗତକଲ୍ୟାଣୀ
ଦୁର୍ଗତିନାଶିନୀ ଧରାପୃଷ୍ଠ ର
ମାତୃ ଆଗମନେ ----------୨--

ନୂଆବନ୍ଧ ସାହି,ନବରଂଗପୁର

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ଅନ୍ତିମ ଠିକଣା

ରଶ୍ମୀତା ଦୀକ୍ଷିତ

ବରଷକେ ଥରେ ତୋର ଆଗମନୀ
ଅୟୀ !!! ତ୍ରିନେତ୍ରା, ସୁନେତ୍ରା
ମୃଣ୍ମୟ ମୂର୍ତ୍ତିରେ ତୋର ଆକାରକୁ
ସାକାର କରିବାର ଆସ୍ପର୍ଦ୍ଧା
ରୂପ ପାଏ ଭିନ୍ନ ଭିନ୍ନ ଚେତନାରେ
କେଜାଣି ତୋର କି ପ୍ରକାର ସତ୍ତା
ଆଚ୍ଛନ୍ନ କରିଥାଏ ଶିଳ୍ପୀ ମାନସକୁ ???
ତତେ ଛୁଉଁଥାଏ ବାରବାର
ମୋହ କିମ୍ବା ନିରମୋହ ରେ !!!

ସାମାନ୍ୟ ଭ୍ରାନ୍ତି ,କିଞ୍ଚିତ କ୍ଲାନ୍ତି
ବରାଦ ପୂର୍ବକ ତୋର ନିର୍ମାଣ
ସବୁକିଛି ରୀତିନୀତି
ଆୟୋଜକ ନିର୍ଦ୍ଦେଶ ରେ
ତଥାପି କେଉଁଠି କିଛି ବାକି ରହିଯାଏ
ଯାହାକୁ ନା ତୋର ସ୍ରଷ୍ଟା ଖୋଜିପାଏ
ନା ତୋର ସୃଷ୍ଟି ....
ତୁ ତ ବିରାଟ ଏକ ଲୁଚକାଳି ଖେଳ
ଅସମାପ୍ତ ପ୍ରହେଳିକା
ଶକ୍ତିମୟୀ କୁ ଲାବଣ୍ୟର ପ୍ରତୀକ କରି
ତୋଳି ଧରିବାର ବ୍ୟର୍ଥ ଅହମିକା ।

ଶକ୍ତି ଉତ୍ସ ଆମ ପାଖରେ , ଚତୁର୍ଦ୍ଦିଗରେ
ତଥାପି ଅହର୍ନିଶି ଆମେ ଧାଇଁ ଥାଉ
ଅଦୃଶ୍ୟ ସେ ଅପ୍ରାପ୍ତ ପ୍ରାପ୍ତିର ପଛରେ ।
ତୋ ଓଷ୍ଠ ଧାର ର ବିଲୋଳ ହସ ପଛର
ଅସଂଖ୍ୟ କାହାଣୀ
ନା, ତୁ କେବେ କହୁ
ନା, ଆମେ କେବେ ଶୁଣୁ
କେଇ ଦିନର ଆତିଥ୍ୟ
ତୁ ଗ୍ରହଣ କରୁ କି ପ୍ରଦାନ କରୁ

ସେ ରହସ୍ୟ ଏବେ ବି ଅଜଣା ,
ତୋ ଆବାହାନ , ବିସର୍ଜ୍ଜନ
ଏସବୁ ଯେ କେଇଦଣ୍ଡ ଖେଳ ମାତ୍ର
ତତେ ମୂର୍ତ୍ତି ରୁ ଦେବୀ କରି
ପାଖରେ ରଖିବାକୁ କିଏ ଚାହେଁ କହ ତ ???
ବରଂ ଆସିଲୁ ,ଭଲ କଲୁ
ରହିଲୁ , ବେସ କଲୁ ,
ଏଥର ଫେରିଯା ...
ଅଲୋଡ଼ା ସମ୍ପର୍କ ପରି
ଯାହା କେଇକ୍ଷଣ ବା କେଇଦିନ ପାଇଁ
ଭଲ ଲାଗେ , ପରେ ଲାଗେ.....
ପିଠିପଟ କୁବଜ ପରି
ଅନାବଶ୍ୟକ ବୋଝ ସମ
ଖୋଜିବାକୁ ପଡେ ପ୍ରତ୍ୟାଖ୍ୟାନ ର ଠିକଣା ।

ତୁ ଯେ ମୂର୍ତ୍ତି ନୋହୁଁ , ବୁଝା ପଡ଼ିଯାଏ
ତତେ ସ୍ୱୀକାର କରିବାକୁ ଭୟ ଜାଗେ
ସେତେବେଳେ ତୋର ତୃତୀୟ ନେତ୍ର
ଆପେ ଆପେ ମୂଦ ପଡିଯାଏ
ତ୍ରିନେତ୍ରା, ସୁନେତ୍ରା ....
ତୋର ଦୀପ୍ତିମୟୀ, ହିରଣ୍ମୟୀ ରଙ୍ଗ
ପଡେ ମଳିନ , ବିବର୍ଣ୍ଣ
ଉସୁକ ବିଦାୟ ମଧ୍ୟ ସଯତ୍ନ ରେ
ହୁଏ ସମ୍ପାଦନ,
ଜଳ ଆଉ ମାଟିରୁ ତୋର ଆକୃତି
ଅଚିରେ ସେଇଠି ହୁଏ ସଜଳ ସମାଧି
ପ୍ରତିଥର ହୁଏ, ଆବାହନ ବିସର୍ଜ୍ଜନ ଶେଷ ସନ୍ନିକ୍ଷଣ
ପ୍ରତିଥର ହୁଏ, ଶିଳ୍ପୀ ର ଶେଷ ଅନ୍ୱେଷଣ
କିଏ ଜାଣେ ମିଳେ କି ନମିଳେ
ତତେ ଖୋଜିବାର ଅନ୍ତିମ ସନ୍ଧାନ !!!!!

୪୨ ମୌଜା , କଟକ/ ମୋ.ନଂ - ୯୫୮୩୩୧୬୭୦୬

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଡୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ହେ ଦୁର୍ଗେ !!

ବୀଣାପାଣି ରାଏଗୁରୁ

ହେ ଦୁର୍ଗେ ଦୁର୍ଗତିନାଶିନୀ !
ପାପ ବିଧ୍ୱଂସିନୀ , ମାଗୋ ତ୍ରିତାପ ହାରିଣୀ !!
ଜଗତମୟୀ ମହାମାୟୀ ଶଙ୍କଟ ତାରିଣୀ!
ତୋ ପାଦେ ଶରଣ ପଶେ,
ଆସିଛ ମା ଧରାଧାମେ ନେଇ ନବରୂପ
କରେ ବିଶ୍ୱ ଆରାଧନା
ମମତାମୟୀ ଗୋ ତୁମ ଅନନ୍ତ ମହିମା
ପୂର୍ଣ୍ଣମୟୀ ଅନ୍ନପୂର୍ଣ୍ଣା !
ଦିଅ ଶକ୍ତି ଶକ୍ତିମୟୀ , ଜଗେ ଜଗାଅ ହେ ଫୁର୍ତ୍ତି
ଏଇ ଭାବ ମୁଁ ମନାସେ ।।

ହରୁ ଦୁଷ୍ଟଶକ୍ତି କରୁ ବିଶ୍ୱର କଲ୍ୟାଣ
ବିଶ୍ୱ ହୁଏ ଭାବ ଭରା
ରହେ ବଞ୍ଚି ସଞ୍ଚି ପୁଣ୍ୟ ଧର୍ମ କର୍ମ କ୍ଷମା,
ଶାନ୍ତିମୟ ହୁଏ ଧରା
ବଢେ ଶାନ୍ତି ମୈତ୍ରୀ ପ୍ରୀତି
ବଢେ ନାରୀଶକ୍ତି
ଧରା ଦୀପ୍ତିମୟ ଦିଶେ ।।

ଅମ୍ବେ ମାଗୋ ନବଦୁର୍ଗେ !
ସଦା ତୋତେ ମୁଁ ମନାସେ
ତୋ ପଦେ ଶରଣ ପଶେ ।।

ତରିତୋ, କିଶୋର ନଗର, କଟକ
ମୋ :୯୪୩୮୦୫୪୯୫୫

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ବିଦାୟର କୋହ

ଅନୀତା ପାଣି

ବିଷ୍ଣୁମାୟା ଦୁର୍ଗା ଜଗତ ଜନନୀ ମୁଖେ ବିଦାୟ ର କୋହ,
ମୃଣ୍ମୟୀ ମୁରତି ଝରାଏ ଲୋତକ କବଳିତ ମାତୃ ମୋହ ।

ସନ୍ତାନର ସ୍ନେହ ମାତା ବିବଶତା ଲୁଚେ କି ତା ଅନ୍ତରାଳେ,
ଭାବରେ ଥରଟେ ମାଆ ଡାକି ଦେଲେ ଅଜସ୍ର ମମତା ଢାଳେ।

ମାଆ ଉଚ୍ଚାରଣ ନୁହେଁ ସାଧାରଣ ନାଭି କମଳର ରାଗ,
ମାଆ ଶବ୍ଦର ଏ ସମ୍ମୋହନୀ ଶକ୍ତି ସମର୍ପିତ ଆତ୍ମଯୋଗ ।

ଶାରଦୀୟ ପୂଜା ଆବାହନୀ ମନ୍ତ୍ର ଉଚ୍ଚାରିତ ହେଲେ ମର୍ତ୍ତ୍ୟେ ,
ତତକ୍ଷଣେ ସ୍ୱର୍ଗ ସୁଖ ତେଜି ଆସି ମଣ୍ଡଳେ ବଶେ ତୁରିତେ ।

ଝଲମଲ ଦିଶେ ଧରଣୀର ଶୋଭା ରାଜପଥ ଗହଗହ,
ମନ୍ତ୍ର ନିନାଦିତେ ପ୍ରକମ୍ପିତ ଧରା ଝୁଣାଧୂପ ମହମହ ।

ଜଗତ ବିପଦ ହାରିଣୀ ଜନନୀ ଆଶ୍ୱାସୀ ଥିଲ ଦେବତା,
ସକଳ ଆଧାର ଚିନ୍ମୟ ଚେତନା ଶକ୍ତି ସ୍ୱରୂପୀ ସୁମାତା ।

କେବେ ମହାଚଣ୍ଡୀ କରାଳ ବଦନୀ ଘୋର ଘରଘର ନାଦ,
କେବେ ତ ଝଂକୃତ ଝଂଙ୍କଡ ବାସିନୀ ରୁଣୁଝୁଣୁ ପଦ୍ମପାଦ ।

ବିଦାୟ ବେଳାରେ ଅଶ୍ରୁଳ ନୟନେ କହିଯାଏ ମନ କଥା,
ମାଟିଘଟ ଦେହେ ଜ୍ୟୋତି ଖେଳୁଥାଏ ନଇଁ ଯାଏ ଆଖି, ମଥା ।

ସାଉଥ୍ ବଲଣ୍ଡା, ତାଳଚେର

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଶୁଭ୍ରୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ଆଗୋ ମହାମାୟା

କଣ୍ଠୁରୀ ଚରଣ ରାଉତ

ଶକ୍ତି ସ୍ୱରୁପିଣୀ ଶଙ୍କଟ ତାରିଣୀ
ହରିବାକୁ ଧରା ବ୍ୟଥା ,
ବରଷକ ଥରେ ଶରତ ଋତୁରେ
ଆଗମନ କର ମାତା ।

ଶାରଦା ବରଦା ମାଗୋ ଶକ୍ତିପ୍ରଦା
କଲ୍ୟାଣକାରିଣୀ ମାଅ ,
ତବ ଆଗମନେ ସବୁରି ଜୀବନେ
ବହେ ସଂପ୍ରୀତିର ବାଅ ।

ପାର୍ବଣ ସୁବାସ ବାସେ ଚଉପାଶ
ତୁମ କଥା କହିକହି ,
ନିର୍ମଳ ଆକାଶେ କାଶତଣ୍ଡି ହସେ
ପବନରେ ରହିରହି ।

ଦୁର୍ଗତିନାଶିନୀ ମାତା କାତ୍ୟାୟନୀ
କରୁଛୁ ପାଦେ ପ୍ରଣତି ,
ଢାଳିଦିଅ ବାରେ ଏ ଧରାଧାମରେ
ଶାନ୍ତିମୈତ୍ରୀ,ପ୍ରୀତି ଗୀତି ।

କରୁଛୁ ବନ୍ଦନା ପୂଜା ଅରଚନା
ଭକତି ଅନ୍ତରେ ଭରି,
କର ମା' ମଙ୍ଗଳ ଏଇ ଜଗତର
ଦୁଃଖ ଯାଉ ଅପସରି ।

ମାଗୋ ଶତରୂପା ବରଷିଣ କୃପା
ପାପତାପ ନାଶ କର,
ଅନ୍ୟାୟ ଅନୀତି,ଦୁଷ୍କର୍ମ,ଦୁର୍ନୀତି
ହଟୁ ବାହ୍ୟ ଆଡମ୍ବର ।

କଷଣ ଯାତନା ନାରୀ ନିର୍ଯ୍ୟାତନା
କରିଦିଅ ମାଆ ଦୂର,
ହେବେ ଲୋକହସା ରାବଣ ମହିଷା
ହସିଉଠୁ ତିନିପୁର ।

ଶିକ୍ଷକ,ସତ୍ୟବାଦୀ ହାଇସ୍କୁଲ୍
ଧଣ୍ଡାମାଳ, ଦେଓଗାଁ, ବଲାଙ୍ଗିର

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ନବରାତ୍ରୀ

ସସ୍ମିତା ମହାନ୍ତି

ମହାଳୟା ଠାରୁ ପିତୃପକ୍ଷ ଶେଷ
ସୁସ୍ୱାଗତ ମାତୃପକ୍ଷ
ନବରାତ୍ରୀ ପୂଜା ମାଆ ଦୁର୍ଗାଙ୍କର
ନିତି ନୂଆ ନୂଆ ରୂପ ।

ପ୍ରଥମ ଦିବସେ ମାତା ଶୈଳପୁତ୍ରୀ
ଅର୍ଦ୍ଧଚନ୍ଦ୍ର ସୁଶୋଭିତା
ବୃଷଭବାହିନୀ ତ୍ରିଶୂଳଧାରିଣୀ
ପୂର୍ଣ୍ଣ କର ମନୋବାଞ୍ଛା ।

ଦ୍ୱିତୀୟାରେ ମାଆ ବ୍ରହ୍ମଚାରିଣୀ
ହସ୍ତେ କମଣ୍ଡଳୁ ଜପାମାଳା
ବ୍ରହ୍ମ ସ୍ୱରୂପିଣୀ ଦୁର୍ଗତିନାଶିନୀ
ଅପାର ତୋହର ଲୀଳା ।

ତୃତୀୟ ଦିନରେ ଚନ୍ଦ୍ରଘଣ୍ଟା ଦେବୀ
ସିଂହ ପୃଷ୍ଠେ ବିରାଜିତା
ଯଶ ପ୍ରଦାୟିନୀ ମଙ୍ଗଳ କାରିଣୀ
ଅସ୍ତ୍ର ଶସ୍ତ୍ରେ ସୁସଜ୍ଜିତା ।

ଅଷ୍ଟଭୁଜା ମାତା କୁଷ୍ମାଣ୍ଡା ରୂପେ
ଚତୁର୍ଥୀ ରେ ବିରାଜନ୍ତି
କୁଷ୍ମାଣ୍ଡ ବଳି ରେ ତୃପତ ହୋଇଣ
ଦିଅନ୍ତି ସୁଖ ସମୃଦ୍ଧି ।

ବିଶ୍ୱ ମଙ୍ଗଳରେ ସ୍କନ୍ଦମାତା ବେଶ
ପବିତ୍ର ପଞ୍ଚମୀ ତିଥି
ଦେବୀ ପଦ୍ମାସନା ତ୍ରୈଲୋକ ପୂଜିତା
ମମତା ର ପ୍ରତିମୂର୍ତ୍ତି ।

ଷଷ୍ଠେ କାତ୍ୟାୟନୀ ଅଭୟ ଦାୟିନୀ
ଶକ୍ତି ସ୍ୱରୂପିଣୀ ମାତା
ଆରତ ନାଶିନୀ ଶାନ୍ତି ପ୍ରଦାୟିନୀ
ତୁହି ମା ଜଗତଜିତା।

ସପ୍ତମ ଦିବସେ କାଳରାତ୍ରୀ ବେଶ
ବ୍ୟାଘ୍ରଚର୍ମ ପରିହିତା
ଦୁଷ୍ଟ ନିବାରନ୍ତି ଗର୍ଦ୍ଦଭ ବାହାନେ
ଦେବୀ ହୋଇ କ୍ରୋଧାନ୍ୱିତା।।

ଅଷ୍ଟମୀରେ ଶୁଭ୍ରବସ୍ତ୍ରା ମହାଗୌରୀ
ମାତା ପରମ ବୈଷ୍ଣବୀ
ଶ୍ୱେତବୃଷାରୁଢା ରାହୁଦୋଷନାଶିନୀ
ସୁଖ ସମୃଦ୍ଧିର ଦେବୀ ।

ମହାନବମୀରେ କମଳ ପୁଷ୍ପରେ
ମାତା ସିଦ୍ଧିଦାତ୍ରୀ ଆସୀନ
ଅର୍ଦ୍ଧନାରୀଶ୍ୱର ବୋଲାଇଲେ ଶିବ
ତୋଷି ଦେବୀଙ୍କର ମନ।

ମହିଷା ମର୍ଦ୍ଦିନୀ ମା ସିଂହବାହିନୀ
ନବରାତ୍ରୀ ପୂଜା ଶେଷ
କଲ୍ୟାଣ କାରିଣୀ ଜଗତ୍ ଜନନୀ
ଦୁଃଖ ଶୋକ କର ନାଶ।

। ମହାନଦୀ ବିହାର, କଟକ।

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଡୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ଦେବୀ

ସାବିତ୍ରୀ ପୁରୋହିତ

ତୁ' ଆସିଲୁ
ଗଲୁ ବି
କାହାର କ'ଣ ଗଲା ?

ଯାହାର ଯାହାକୁ ମନ
ନିଆଁ ପାଣି ବାସନ୍ଦ କଲା
ଗଲା ଆଇଲା....
ସବୁ ସଇଲା
ପର ପୁଅ ବୁଢ଼ିକି ମଲା
ମୁଇଁ ଦେଖିଲି...
"ଟୁଉଉଉପ୍" କଲା ।।

କାହା ଦେହରେ
ରଙ୍ଗ ଲାଗିଲା
ଡେଣା ଭାଙ୍ଗିଲା...
ଛଇ ଛଇଳା
ବେଳକାଳ ଦେଖି
ନା - ମରଦ ବି
ମରଦପଣିଆଁ
ଜାହିର୍ କଲା ।।

ତୋଓର ମୋଓର
ଭାଗ ଛିଣ୍ଡିଲା
ନଈ ପାଣି ନଈକି ଗଲା
ମୋ' ସିଲଟ ଟା
ଯେଉଁ ଶୁଖିଲା କୁ
ସେଇ ଶୁଖିଲା ।।

ଗଲା ରେ ଗଲା
କଥାସବୁ ଯେତେ
ଖତ ଖାଇଲା
ଦେବୀ ବୋଲି ତତେ
ବିଦାୟ ଦେଲେ ଲୋ
ଦେଖି ....ଦାନବଙ୍କ ପୁଣି
ବେଳ ଫେରିଲା ।।

ସମ୍ବଲପୁର ।।

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଶୁଭ୍ରୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ମହାମାୟା

ଶକ୍ତିପ୍ରଭା ମିଶ୍ର

ଶୁଭ୍ର କାଶତଣ୍ଡି ଦୋହଲି ଉଠୁଛି
ସବୁଜ ଦୁର୍ବାଦଳରେ
ସଜବାଜ ହୋଇ ଆସୁଛନ୍ତି ମା
ବିରାଯିବେ ପୃଥ୍ୱୀପରେ ।

ଶରତ ଆକାଶ ଦିଶିଲାଣି ସଫା
ସମୟ ଯେ ଅନୁକୂଳ
ମମତାମୟୀର ପଥ ଚାହିଁଚାହିଁ
ଆଖିରୁ ଝରଇ ଜଳ ।

ମା'ର ପଦରେ ନିତି ମୁଣ୍ଡ ପାତି
କରୁଛି କେତେ ଜଣାଣ
ସାକ୍ଷାତରେ ମା ଦେଖାଦେବେ ଆଜି
ଉଦବେଳିତ ଏ ପରାଣ ।

ଅସୁର ମାନେ ତ କରିଛନ୍ତି ଘର
ମନ କନ୍ଦରରେ ଲୁଚି
ମହାମାୟା ତାଙ୍କୁ ସଂହାର କରିବେ
କଳୁଷ ଜୀବଟି ଘୁଂଚି ।

ଇର୍ଷା ଦ୍ୱେଷ ହିଂସା ଭୁଲି ମାନସରୁ
ସର୍ବେ ଆସ ହେବା ଠୁଳ
ବିପଦ ତାରିଣୀ ମା ପରା ସିଏ,
ସକଳ ଶକ୍ତିର ମୂଳ ।

ଭୁବନେଶ୍ୱର

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଶୁଚ୍ଛୀ
ପ୍ରଜ୍ଞା ଓ ପୁଲକର ନୂତନ ଇଷ୍ତାହାର
୨୦୧୯

ଜାଣିଛ ମା' !!

ପ୍ରବାସିନୀ ହୋତା

ତୁମେ ଆସିବ ବୋଲି
ଅଳନ୍ଧୁ ସଫା କଲା ଭଳି
ମେଘସବୁକୁ ପୋଛି ଦେଇଛି
ଅଶିଣ ଆକାଶ
ଧରଣୀ ସଜେଇ ରଖିଛି
କେରା କେରା କାଇଁଶ ଫୁଲର ଚାମର ।

ନଦୀନାଳ ସବୁ ପାଲଟି ଦେଲେଣି
ପୁରୁଣା ମଳିଛିଆ ଲୁଗା
ଝୀନ ନିର୍ମଳ ନୂଆଁ ପୋଷାକରେ
ଚକ୍ ଚକ୍ ସେମାନଙ୍କ ଦେହ ଆଉ ମୁହଁ ।

କିଏ ଜଣେ ଜାଳି ଦେଇ ଯାଇଛି
ଲକ୍ଷେ ଜାଗର
ଆକାଶର ଗୋବରଲିପା
କଳା ମିସ୍ ମିସ୍ ଅଗଣାରେ
ଜହ୍ନ ବି ତ ପ୍ରସାଧନୀ ଲେପି ହୋଇ
ତୋଫା ଫର୍ ଫର୍ ଏବେ
ତୁମ ପ୍ରତୀକ୍ଷାରେ ।

ତୁମେ ଆସିଲ ....
ତୁମେ ଆସିଲ ଯେ
ମହମହ ହେଲା ଚଉଦିଗେ
ଗହଗହ ପାର୍ବଣର ମେଳା
ମନ ସାଥେ,ମାନ ସାଥେ
ଏକା ଏକା ଜୁଝୁଥିବା ବେଳେ ।

ଜାଣିଛ ମା !
ତୁମ ଆବିର୍ଭାବ କେତେ ମୋତେ
ସତ୍-ସାହସ ଦେଲା ?

ତୁମେ ଥିଲ ବୋଲି ଲାଗୁଥିଲା
କେହି ଜଣେ ସବୁବେଳେ
ମା' ବୋଲି ଡାକିଦେଲେ
ଓ' କରିବାକୁ ଅଛି ।
ଝଡ଼ ଝଞ୍ଜା ଆସୁ,ଯାଉ,ଚିନ୍ତା କଣ ?
ଭାବିଥିଲି ,ତୁମେ ଥିଲେ
ଅକାତରେ ଜୀବନଟେ
ହୋଇଯିବ ବଞ୍ଚି ।

ତୁମେ କିନ୍ତୁ ମେଢ଼ କୁ ଆସିଲ
ଆଉ ଚୁପଚାପ୍ ଫେରିଗଲ ସ୍ୱସ୍ଥାନ କୁ
ମୋ ଛାତିରେ ବରଷକ ପାଇଁ ଛାଡ଼ି ଶୂନ୍ୟସ୍ଥାନ ।

ପାରିନାହିଁ ବୋଲି
ଅନ୍ତରରୁ ମୋର ଅଳନ୍ଧୁକୁ ପୋଛି
ଏବେ ଯାହା ହାହାକାରେ ଝୁରି ମରେ
ଅସହାୟ ମୋର ନପାରିଲାପଣ !!

ଭଟଲି ଛକ, ବରଗଡ଼

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଶୁଦ୍ଧୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ବାରମ୍ବାର ଆ ମାଁ ଅବତରି

ରମେଶ ଚନ୍ଦ୍ର ପସାଏତ୍

ବୈଶାଖର ବେଦନା ବିବ୍ରତ ପାଣ୍ଡୁର ମାଟିରେ
ମମତାର ବାରିଧାରେ ସ୍ନେହସିକ୍ତ ଶୀତଳ ସମୀରେ
ଫୁଟାଇ ସୁନାର ଫସଲ
ଜଗାଇ ପୁଲକ ବହୁଳ
ସନ୍ଦୀପନୀ ପ୍ରଣବ ଝଙ୍କାରେ
ଆ ମାଁ ଅବତରି ଶାରଦୀୟ ମଙ୍ଗଳ ବେଳାରେ ॥

ଅସରନ୍ତି ଶକ୍ତିପୁଞ୍ଜ ତମ ଧ୍ୱଂସୀ ପ୍ରେମଦୀପ୍ତ ଆଭା
ରମ୍ୟା ସୌମ୍ୟା ମହାମାୟା ଅନୁପମା ଆହ୍ଲାଦିନୀ ପ୍ରଭା
ପ୍ରାଣେ ପ୍ରାଣେ ତୃପ୍ତିର ଆଭାସ
ଆଶ୍ୱସ୍ତିର ଅକ୍ଷୁଣ୍ଣ ବିଶ୍ୱାସ
ଜୀବନୀୟ ମାର୍ଗେ ହୋଇ ସାହା
ରାହା ଦେଇ ଦିଶୁ କେଡେ ଶୋଭା ॥

ଅହଂ ମମ ମହିଷାର ଶକ୍ତ ବକ୍ଷେ ଅମୋଘ ପ୍ରହାର
ସତ୍ତାରୋଧି କାମନାର ରକ୍ତବୀର୍ଯ୍ୟ କରି ଭସ୍ମସାର
ବୃଥା ଦମ୍ଭ ଦର୍ପ ଶୁମ୍ଭ ନିଶୁମ୍ଭରେ
ଧର୍ଯ୍ୟୋସ୍ପାହ ତୀକ୍ଷ୍ଣ ଅସୀଧାରେ
ମୁଣ୍ଡ କରି ଖଣ୍ଡିତ ଲୁଣ୍ଠିତ
ବିସ୍ମରିଲ ଅନ୍ତଃ ସ୍ୱରେ ତୋଳିବାକୁ ବିଶ୍ୱପ୍ରେମ ଗୀତ ॥

ସାନୁକମ୍ପୀ ସମନ୍ୱୟୀ ସୃଷ୍ଟିସମ୍ପାଦିନୀ ଭାବନା ସଞ୍ଚାରି
ଦୀନ ଦୁଃସ୍ଥେ ସେବାଭାବ ଉତ୍କର୍ଷସାଧିନୀ ଜିଜ୍ଞାସ ଜଗାଇ
ତ୍ୟାଗ ଓ ଆତ୍ମସଂଯମର
ଅଧ୍ୟାତ୍ମର ନିରଳସତାର
ଦିବ୍ୟ ଭାବ ଦେ ମାଁ ଭରି
କଳୁଷିତ ବ୍ୟକ୍ତିନିଷ୍ଠ ସକୀର୍ଣ୍ଣତା ତ୍ୟଜି
ଧାବନ୍ତୁ ଅମୃତ ପଥେ ଜନେ
ହେ ଜଗଦୀଶ୍ୱର ॥

ଧନ ନୁହେଁ ଦେହ ନୁହେଁ ନୁହେଁ ଚିର ଯୌବନ ଜୀବନ
ଆଜି ଅଛି କାଲି ନାହିଁ କେ କହିବ ଥମିବ ପବନ
ରକ୍ତେ ନୁହେଁ ପ୍ରେମ ପଦ୍ମଫୁଲେ
ଶାନ୍ତି ମୈତ୍ରୀ ବିଶ୍ୱାସର ମୂଲେ
କହିଲ ମାଁ ସୁଗମ ସଂସ୍କାର-
ଅଭିମାନୀ ରାବଣର ତନ୍ତ୍ରେ ନୁହେଁ
ରାମେ ରମେ ବିଚିତ୍ର ସଂସାର' ॥

ମାଟିକୁ ତୁ ଫାଟି ଯା ବୋଲି କହିପାରିବି ନି ମାଁ
ଛଦ୍ମବେଶୀ ବହୁରୂପୀ ମାନବ-ଦାନବ ଦାଉରେ
ତୁ ମାଟିମୂର୍ତ୍ତି ହୋଇ ମରି ଯା'ନା ମାଁ
ବିସର୍ଜ୍ଜନୀ ଯଜ୍ଞବେଦୀ ଶେଷ ଆହୁତିରେ
ବାରମ୍ବାର ଆ ମାଁ ଅବତରି
ଦୁଷ୍ଟ ମାରି ବିଶ୍ୱତାରି
ପ୍ରତି ପ୍ରାଣେ ଖେଳାଇଦେ
ଆନନ୍ଦଲହରୀ ॥

(ସଂସ୍କୃତ ଶିକ୍ଷକ) ,ନଟବର ଉଚ୍ଚବିଦ୍ୟାଳୟ କଣ୍ଟେଇକେଲା,ଝାରସୁଗୁଡା / ମୋ : ୯୭୭୭୩ ୯୪୫୫୮

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ଦେବୀ

କନକ ଲତା ଦାଶ୍

କାଶତନ୍ତିର ଶୁଭ୍ରଲହରୀ
ପବନରେ ଦୋଳିଖେଳେ,
ମୁକୁଳିତ ମୋର ମନର ଦରଜା
ଏଇ ପାର୍ବଣ ବେଳେ ।

ଆତୁରେ ଅଧିରେ ଚାହିଁ ରହିଥାଉ
ଶାରଦୀୟ ଆଗମନ,
ଆସିବେ ମାଁ ଦୂର୍ଗା ମହକି ଉଠିବ
ଘର ବାହାର ପ୍ରାଙ୍ଗଣ...।

ସବୁ ବର୍ଷ ଏଇ ଧାରା ତ ଚାଲିଛି
ମନରେ ଉଲ୍ଲାସ ଭରି,
ସଭିଏଁ କହୁଛେ ଆସ ମାଆ ଆସ
ଏ ଧରାରେ ଅବତରି ।

ଉଲ୍ଲାସ ମନରେ ପାଳୁଛି ଜନତା
ତୁମ ପୂଜା ଶରତରେ,
ଅନ୍ୟାୟ ଅନୀତି ମହିଷା ରାବଣ
ବିନାଶ କି ହୁଏ ଥରେ ।

ପୂଜା ପାରବଣେ ବୁଝୁନାହିଁ ଆଉ
ଦୁଃଖ ଭରା ଏ' ମନ,
ଦେବୀ ପୂଜା ସିନା ହୁଏ ଅନ୍ତରାଳେ
ନାରୀ ହୁଏ ହୀନିମାନ।

କେବେ ବଦଳିବ ଭାଗ୍ୟ ତ ତାହାର
କହି ଦିଅ ମାଆ ଥରେ,
ଅସଂଖ୍ୟ ମହିଷା ଉତ୍ପୀଡନେ ଦେଖ
ଥର ଥର ଧରା ଥରେ।

। ଦେଉଳସାହି, ତୁଳସୀପୁର,କଟକ ।

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଶୁଦ୍ଧୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

ଜୟ ମା ଜନନୀ ଜୟ

ପ୍ରଭାତ କୁମାର ନାୟକ

ଶାରଦୀୟ ଲଗ୍ନେ ଗ୍ରାମ ନଦୀ କୂଳେ
ମନ୍ତ୍ର ପୂଜା ପାଠ ସାରି ,
ମାଟି ଆସେ , ଶିଳ୍ପୀ ଗଢ଼ିବ ପ୍ରତିମା
ମନେ ମାଆ ନାମ ଧରି ।

ସବୁ ଦେଖି କାଶଫୁଲ ହସି ଉଠେ
ଗାଇ ଆବାହନୀ ଗୀତ ,
ଶ୍ୱେତ ବସନରେ ସଜାଇ ନିଜକୁ
ଶରତକୁ କରେ ମିତ ।

ମାଟି ମାଖି ମାଖି ଗଢେ କାରିଗର
ସୁନ୍ଦର ଦେବୀ ପ୍ରତିମା ,
ଚୁଡି ଶାଢ଼ୀ ମାଳି ସୁନା ଚାନ୍ଦି ଭରି
ରୂପରେ ସେ ଅନୁପମା ।

ବ୍ରାହ୍ମଣ ମନ୍ତ୍ରରେ ଜୀବନ୍ୟାସ ପାଇ
ପ୍ରତିମା ପାଲଟେ ଦେବୀ ,
ଘଣ୍ଟ ଘଣ୍ଟା ଧ୍ୱନି ମଙ୍ଗଳ ଆରତି
ପରିପୂର୍ଣ୍ଣ ଚଉ ବେଦୀ ।

ମନ ମନ୍ଦିରରେ ଦେବୀ ଆଗମନେ
ମାତୃଭାବ ହୁଏ ଜାତ ,
ହୃଦ ବିହ୍ୱଳିତ ଚେତନା ଜାଗ୍ରତ
ପ୍ରାଣେ ଶୁଭେ ମାଆ ଡାକ ।

ଦଶହରା ସରେ , ସର୍ବ ଦଶା ହରେ
ଦଶ ଦିଗେ ଦିଶେ ଦେବୀ ,
ନୀରେ ନୁହେଁ ,ନାରୀ ସତ୍ତାରେ ମିଶଇ
ଶକ୍ତି ସ୍ୱରୂପିଣୀ ଛବି ।

ଚଉଦିଗେ ମୋତେ ସକଳ ଜନନୀ
ଦିଶୁଥାଏ ଦେବୀମୟ ,
ମନେ ପ୍ରାଣେ ଗାଏ ମାଆର ବନ୍ଦନା
ଜୟ ମା ଜନନୀ ଜୟ ।

॥ ମଧୁପୁର, ଭଦ୍ରକ, ଓଡ଼ିଶା ॥



ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର ୨୦୧୯

ଓଁ ଦୁର୍ଗାୟୈ ନମଃ

ଜୟନ୍ତି ମଙ୍ଗଳା କାଳି ଭଦ୍ରକାଳି କପାଳିନି

ଦୁର୍ଗେ ଶିବେ କ୍ଷମେ ଧାତ୍ରି ସ୍ୱାହେ ସ୍ୱଧେ ନମୋସ୍ତୁତେ

ବିଦ୍ୟାବନ୍ତଂ ଯଶସ୍ୱନ୍ତଂ ଲକ୍ଷ୍ମୀବନ୍ତଂ ଚ ମାଂ କୁରୁ

ରୂପଂ ଦେହି ଜୟଂ ଦେହି ଯଶୋଦେହି ଦ୍ୱିଷୋଜହି ॥

" ହେ ଦେବୀ କର ବ୍ରହ୍ମ-ବିଦ୍ୟା ଦାନ

ଯଶସ୍ୱୀ କର ମାଁ ପୁଣି ଶ୍ରୀମାନ

ରୂପଯୁକ୍ତ ଜୟଯୁକ୍ତ କର ମାଁ

ଶତ୍ରୁ ବିନାଶି ରକ୍ଷମାଂ ତ୍ରାହିମାଂ ॥

www.hirranmayi.com